## ସଂକ୍ଷେପରେ

### ଚାଉଳ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ, ୨ଗିରଫ



ପଦ୍ମପୁର,୧୨।୭ (ପ୍ରଶାନ୍ତ କର): ରାୟଗଡ଼ା ଜିଲା ପଦ୍ମପୁର ପୋଲିସ କେନ୍ଦୁଗୁଡା ଫାଣ୍ଡି ନିକଟରେ ଏକ ଚାଉଳ ବୋଝେଇ ଟ୍ରକ୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶିବଶକ୍ତି ରମଣ (୨୪) ଓ ମାଣିକ ଜୟପ୍ରକାଶ (୩୨) । ସେମାନଙ୍କ ନିକଟରୁ ୫୨୭କେଜି ଗଞ୍ଜେଇ ଜବତ କରିବା ସହ ୫ କୁଇଣ୍ଟାଲ ଚାଉଳ, ନଗଦ ୩୧୦୦ଟଙ୍କା ଓ ଟ୍ରକ୍‌କୁ ଜବତ କରିଛି। ସୂଚନାଯୋଗ୍ୟ, ପଦ୍ମପୁର ପୋଲିସ ଥାନା ଅଧିକାରୀ ମୁକୁନ୍ଦଦେବ ନାୟକ ଓ କେନ୍ଦୁଗୁଡା ଫାଣ୍ଡି ଏସ୍‌ଆଇ ଏଚ୍.କେ .ବେହେରାଙ୍କ ମିଳିତ ଉଦ୍ୟମରେ ମଙ୍ଗଳବାର ଫାଣ୍ଡି ନିକଟରେ ଗାଡ଼ି ଯାଞ୍ଚ କରାଯାଉଥିଲା। ଗଜପତି ଜିଲାର ଅଡବା ଅଞ୍ଚଳରୁ ଏକ ଚାଉଳ ବୋଝେଇ ଟ୍ରକ୍ ଭିତରେ ବ୍ୟାପକ ଗଞ୍ଜେଇ ନେଇ ଯାଉଥିବାରୁ ଉକ୍ତ ଟ୍ରକ୍‌କୁ ପୋଲିସ ଜବତ କରିଛି।

### ନାଇଜରରେ ପଢ଼ିବେ ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ର

ଗୁଣପୁର,୧୨।୭ (ପ୍ରଦୀପ କୁମାର ପାଢ଼ୀ): ରାୟଗଡା ସ୍ଥାନୀୟ ଗାନ୍ଧୀ ପବ୍ଲିକ ସ୍କୁଲର କୃତି ଛାତ୍ର ସ୍ୱାଗତ ବାଘେଲ ଜାତୀୟ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ( ନାଇଜର) ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଅଧ୍ୟୟନ ପାଇଁ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ଖବର ପାଇ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ଖୁସିର ଲହରୀ ଖେଳିଯାଇଛି। ସ୍ୱାଗତ ଜଣେ ମେଧାବୀ ଛାତ୍ର ଏବଂ ଜେଇଇ (ଆଡ଼ଭାନ୍ସ) ତଥା ସର୍ବ ଭାରତୀୟ ମେଡିକାଲ (ନିଟ୍) ପରୀକ୍ଷାରେ ମଧ ସଫଳତା ପାଇଛନ୍ତି । ସେ ବିଦ୍ୟାଳୟର ଛାତ୍ରାବାସରେ ରହି ଅଧ୍ୟୟନ କରୁଥିଲେ । ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱାଗତଙ୍କ ସଫଳତାରେ ଅଭିନନ୍ଦନ ଜଣାଇଛନ୍ତି। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ମଧ ସ୍ୱାଗତଙ୍କ ସଫଳତାରେ ଶୁଭକାମନା ଜଣାଇଛନ୍ତି।



# ଜମି ପଟ୍ଟା ପାଇଁ ସଂଘର୍ଷ କରୁଛନ୍ତି ୬୦ ପରିବାର

ରାୟଗଡ଼ା,୧୨।୭ (ଆଶିଷ ରଞ୍ଜନ ପଣ୍ଡା)



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସାହିବାସିନ୍ଦା।

- ପଞ୍ଚାୟତ ନାଁରେ ଜମି ଥିବାରୁ ମିଳୁନି ପଟ୍ଟା
- ସରକାରୀ ଯୋଜନାରୁ ବଞ୍ଚିତ ସାହିବାସିନ୍ଦା

ଦୀର୍ଘଦିନରୁ ଘର କରି ରହିଆସୁଥିଲେ ମଧ ବର୍ତ୍ତମାନ ସୁଦ୍ଧା ଜମିପଟ୍ଟା ପାଇନାହାନ୍ତି ରାୟଗଡ଼ା ବ୍ଲକ ଜେମାଦେଇପେଣ୍ଠ ପଞ୍ଚାୟତ ମହକୁମାସ୍ଥିତ ମାଲାସାହିର ୬୦ ପରିବାର । ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବାବେଳେ ଆବାସ ଯୋଜନାରେ ସାମିଲ ହୋଇପାରୁନାହାନ୍ତି ସାହିବାସିନ୍ଦା। ତେବେ ଉକ୍ତ ଜମି ଜେମାଦେଇପେଣ୍ଠ ସରପଞ୍ଚଙ୍କ ନାମରେ ପଞ୍ଜୀକୃତ ଥିବାରୁ ତାହାକୁ ଉକ୍ତ ୬୦ ପରିବାରଙ୍କ ନାମରେ ପଟ୍ଟା ପ୍ରଦାନ କରିବାକୁ ସରପଞ୍ଚ ମିତା ପୁଆଲା ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଲିଖିତ ଭାବେ ରାୟଗଡ଼ା ଅତିରିକ୍ତ ତହସିଲଦାର ପର୍ଶୁରାମ ଭତ୍ରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ସେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ଅତିରିକ୍ତ ତହସିଲଦାର ଭତ୍ରା ସୂଚନା ଦେଇଛନ୍ତି ।

ସାହିବାସିନ୍ଦାଙ୍କ କହିବାନୁସାରେ, ୧୯୯୫ ମାର୍ଚ୍ଚ ୫ରେ ଜେମାଦେଇପେଣ୍ଠସ୍ଥିତ ମାଲାସାହିର କେ. ନାଗଭୂଷଣ ରାଓଙ୍କ ଘରେ ବିଦ୍ୟୁତ୍ ଶର୍ଟ ସର୍କିଟ ହେବା ଫଳରେ ସାହିରେ ଥିବା ୮୦ଟି କୁଡ଼ିଆ ଘରକୁ ନିଆଁ ମାଡ଼ିଯାଇ ସମସ୍ତ ଘର ଓ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା । ହେଲେ ଏହି ଅଗ୍ନିକାଣ୍ଡରେ କାହାର ପ୍ରାଣହାନି ହୋଇ ନ ଥିଲେ ମଧ ଗରିବଙ୍କ ସର୍ବସ୍ୱ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା । ତେବେ ଜେମାଦେଇପେଣ୍ଠ ନିବାସୀ ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ସ୍ୱର୍ଗତ ଡୋକି ସତ୍ୟନାରାୟଣ ରାଓଙ୍କ ନେତୃତ୍ୱରେ ସାହିବାସିନ୍ଦା ରାୟଗଡ଼ା ବ୍ଲକର ପିପଲଗୁଡ଼ା ପଞ୍ଚାୟତଠାରେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କୁ ଅନୁରୋଧ କରିବାରୁ ସେମାନଙ୍କୁ ସରକାରଙ୍କ ଦ୍ୱାରା ଥଇଥାନର ବ୍ୟବସ୍ଥା କରାଯାଇଥିଲା । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ଉକ୍ତ ଜମିର ପଟ୍ଟା ନ ମିଳିବାରୁ ପୂର୍ବ ଦିନରୁ ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ବସୁନ୍ଧରା ଏବଂ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି ୬୦ ପରିବାର । ଦିନ ମଜୁରି କରି ଜୀବନ ଅତିବାହିତ କରୁଥିବା ପରିବାରଙ୍କୁ ସରକାରୀ ସହାୟତା ନ ମିଳିବା କାରଣରୁ ଘରଗୁଡ଼ିକର ମରାମତି ମଧ କରିପାରିନାହାନ୍ତି । ବର୍ତ୍ତମାନ ସେହି ଘରଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଘରଗୁଡ଼ିକର ଛାତରୁ ସିମେଣ୍ଟ ବାହାରି ଲୁହା ରଡ୍ ଦେଖାଯାଉଛି । ଲୋକେ ରାତିରେ ଶୋଇଥିବା ବେଳେ ସିମେଣ୍ଟ ଖଣ୍ଡ ଭାଙ୍ଗି ତଳେ ପଡୁଛି । ଘର ଛାତ କେଉଁ ସମୟରେ ଭୁଶୁଡ଼ି ପଡ଼ିବ ସେ ଭୟରେ ଲୋକେ ଘର ଭିତରେ କମ୍ ଏବଂ ବାହାରେ ଅଧିକ ସମୟ ଅତିବାହିତ କରୁଛନ୍ତି । ସାହିରେ ପାନୀୟ ଜଳର ମଧ ବିଶେଷ ସୁବିଧା ନାହିଁ । ୫ ବର୍ଷ ତଳେ ଏକ ନଳକୂପ ଖନନ ସହ ସେଠାରେ ଏକ ପାଣିଟାଙ୍କି ମଧ କରାଯାଇଛି, ହେଲେ ଉକ୍ତ ନଳକୂପ ଅଚଳାବସ୍ଥାରେ ପଡ଼ି ରହିଛି । ଉକ୍ତ ପରିବାର ଏପରି ଶୋଚନୀୟ ଅବସ୍ଥାରେ ରହିଥିବାବେଳେ ଜମିପଟ୍ଟା ପ୍ରଦାନ ପାଇଁ ନେତା, ମନ୍ତ୍ରୀଙ୍କୁ ବାରମ୍ବାର ଗୁହାରି କରିବା ପରେ ମଧ କେହି ଶୁଣି ନ ଥିବା ଅଭିଯୋଗ ହୋଇଛି। ତେଣୁ ଏ ନେଇ କଂଗ୍ରେସ ଯୁବନେତା ଭବାନୀ ଜେନା ଓ ସରପଞ୍ଚ ମିତା ପୁଆଲାଙ୍କ ସହଯୋଗରେ ସାହି ବାସିନ୍ଦା ପୂର୍ବତନ ତହସିଲଦାରଙ୍କୁ ମେ ମାସରେ ଅବଗତ କରାଇଥିଲେ । ଏହାପରେ ବି କିଛି ସୁଫଳ ନ ମିଳିବାରୁ ବର୍ତ୍ତମାନ ଭବାନୀ ଜେନା ଓ ସରପଞ୍ଚ ମିତା ପୁଆଲାଙ୍କ ଜରିଆରେ ପୁନଶ୍ଚ ନିଜ ଦାବି ଜଣାଇଛନ୍ତି ସାହିବାସିନ୍ଦା । ଏଥିସହିତ ଉକ୍ତ ଜମି ପଞ୍ଚାୟତ ନାଁରେ ରହିଥିବାରୁ ସେଠାରେ ବାସ କରୁଥିବା ୬୦ ପରିବାରକୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରାଗଲେ ସେମାନେ ଆବାସ ଯୋଜନାରେ ସାମିଲ ହୋଇପାରିବେ ବୋଲି ସରପଞ୍ଚ ମିତା ପୁଆଲା ଓ କଂଗ୍ରେସ ନେତା ଭବାନୀ ଜେନା କହିଛନ୍ତି।

# ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

## ଟ୍ରେନ୍ ଏସି ବଗିରେ ଗଞ୍ଜେଇ ଚୋରା ଚାଲାଣ



ଜବତ ଗଞ୍ଜେଇ ସହ ଅଭିଯୁକ୍ତ ଓ ଅବକାରୀ କର୍ମଚାରୀ।

ରାୟଗଡ଼ା,୧୨।୭ (ଆଶିଷ ରଞ୍ଜନ ପଣ୍ଡା)

ଅଭିନବ ଉପାୟରେ ଟ୍ରେନ୍ ଏସି ବଗିରେ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ରେଲୱେ ପୋଲିସ ହାବୁଡ଼ରେ ପଡ଼ିଛନ୍ତି ୫ ଯୁବକ। ରେଲୱେ ପୋଲିସ ସେମାନଙ୍କ ନିକଟରୁ ୧୫ଟି ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଜବତ କରିଛି । ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତଙ୍କୁ ରାୟଗଡ଼ା ଅବକାରୀ ବିଭାଗକୁ ଜିମା ଦେଇଦେଇଛି ରେଲୱେ ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଆଲିଗଡ ସହରର ଜାଫରୁଦ୍ଦିନ ମଲ୍ଲିକ, ଇମରାନ ଖାନ୍, ଅସଲମ ଖାନ, ତାହିର ଖାନ୍, ଅଦନାନ ମହମ୍ମଦ। ଜବତ ହୋଇଥିବା ୨୦୬ କେଜି ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ଅଭିରାମ ବେହେରା ସୂଚନା ଦେଇଛନ୍ତି ।

ଘଟଣାରୁ ପ୍ରକାଶ ଯେ, ବିଶାଖାପାଟଣା -ଦୁର୍ଗ ଟ୍ରେନର ଏ-୧ ଏସି ବଗିର ବିଭିନ୍ନ ସିଟ୍ ତଳେ ୧୪ଟି ବ୍ୟାଗ୍‌ରେ ଚତୁରତାର ସହ ଗଞ୍ଜେଇ ରଖି ଚାଲାଣ କରାଯାଉଥିଲା। ଆନ୍ଧ୍ରପ୍ରଦେଶ ରାଜ୍ୟର ପାର୍ବତୀପୁରମ ଷ୍ଟେଶନଠାରେ ଏହି ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଲୋଡ୍ କରି ଛତିଶଗଡ଼ ରାଜ୍ୟର ରାୟପୁରକୁ ଚାଲାଣ କରାଯାଉଥିଲା । ସେଠାରୁ ଉତ୍ତରପ୍ରଦେଶକୁ ଚାଲାଣ କରାଯାଇଥାନ୍ତା ବୋଲି ତଦନ୍ତରୁ ଅବକାରୀ ବିଭାଗ ଜାଣିବାକୁ ପାଇଛି । ୫ ଅଭିଯୁକ୍ତ ଟ୍ରେନ୍‌ର ଏସି ବଗିର ଭିନ୍ନ ଭିନ୍ନ ସିଟ୍‌ରେ ବସି ଏହି ଗଞ୍ଜେଇ ଚାଲାଣ କରୁଥିଲେ । ତେବେ ଟ୍ରେନ୍‌ରେ ପାଟ୍ରୋଲିଂ କରୁଥିବା ରେଲୱେ ପୋଲିସ ଏଏସ୍‌ଆଇ ଜେ.ଏସ୍.ନାରାୟଣଙ୍କ ନେତୃତ୍ୱରେ ଯାଞ୍ଚ କରିବା ସମୟରେ ୧୪ଟି ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଗଞ୍ଜେଇ ନେଇ ଯାଉଥିବା ୫ଜଣଙ୍କୁ ଟ୍ରେନ୍ ଭିତରେ ଧରିଥିଲା ରେଲୱେ ପୋଲିସ। ସେମାନଙ୍କୁ ରାୟଗଡା ରେଳ ଷ୍ଟେଶନଠାରେ ଓହ୍ଲାଇ ତଦନ୍ତ ପରେ ଅବକାରୀ ବିଭାଗକୁ ଜିମା ଦେଇଥିଲେ। ଏ ନେଇ ଅବକାରୀ ବିଭାଗ ୩ଟି ମାମଲା ରୁଜୁ କରିଛି।

# ରଙ୍ଗତୂଳୀ କଳାକାର ସଂଘର ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କଳାକାରମାନେ।

ରାୟଗଡ଼ା,୧୨।୭ (ଭାଗ୍ୟଶ୍ରୀ ମିଶ୍ର)

ଅଲ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟସ ୱାର୍କସ ଆସୋସିଏଶନର ରାୟଗଡ଼ା ଜିଲା ଶାଖା କମିଟି ପକ୍ଷରୁ ବୁଧବାର ୧୧ଦଫା ସମ୍ମିଳତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

ବର୍ଷ ସାରା କାମର ସୁଯୋଗ ସୃଷ୍ଟି କରିବା ସହ ବର୍ଗଫୁଟ ହିସାବରେ ଠିକ୍ ପାରିଶ୍ରମିକ ପ୍ରଦାନ କରିବା, ରଙ୍ଗତୂଳୀ କଳାକାରମାନଙ୍କୁ ଚିହ୍ନଟକରି ପରିଚୟ ପ୍ରଦାନ କରିବା, ଠିକାଦାର ପ୍ରଥା ବନ୍ଦକରି ସ୍ୱତନ୍ତ୍ର ରଙ୍ଗତୂଳୀ କଳାକାର କଲ୍ୟାଣ ବୋର୍ଡ ଗଠନ କରିବା ଓ ସେହି ବୋର୍ଡ ମାଧ୍ୟମରେ କାମ ଏବଂ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ଦାବି କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ସମଗ୍ର ରାଜ୍ୟରେ ହଜାର ହଜାର ରଙ୍ଗତୂଳୀ କଳାକାର ପାରମ୍ପରିକ ପଦ୍ଧତିରେ ବର୍ଷ ବର୍ଷ ଧରି ବିବାହ, ବ୍ରତୋପନୟନ ଆଦି ମାଙ୍ଗଳିକ କାର୍ଯ୍ୟରେ ଚିତ୍ର ଆଙ୍କିବାଠାରୁ ଆରମ୍ଭକରି ସାଇନବୋର୍ଡ, ବ୍ୟାନର, ସରକାରୀ ଓ ବେସରକାରୀ ସଂସ୍ଥାର ବିଜ୍ଞାପନକୁ କାନ୍ଥରେ ଲେଖିବା ଓ ଚିତ୍ର ମାଧ୍ୟମରେ ସହର ସୌନ୍ଦର୍ଯ୍ୟକରଣ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକରି ଜୀବିକା ନିର୍ବାହ କରି ଆସୁଛନ୍ତି। ବର୍ତ୍ତମାନ ଯେତେ ନୂଆ ନୂଆ ଟେକ୍ନୋଲୋଜିର ପ୍ରସାର ହେଲେ ସୁଦ୍ଧା ରଙ୍ଗତୂଳୀ କାମର ଆଜି ବି ଚାହିଦା ରହିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଏହି କଳାକାରମାନଙ୍କ ନିମନ୍ତେ କୌଣସି ଆଇନ, ମଜୁରି ବ୍ୟବସ୍ଥା, ସାମାଜିକ ସୁରକ୍ଷା ଆଦି କିଛି ବ୍ୟବସ୍ଥା କରାଯାଉ ନ ଥିବାରୁ ଏମାନେ ଶୋଷଣର ଶିକାର ହେଉଛନ୍ତି । ଗାଡ଼ିଗୁଡ଼ିକର ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନାମରେ ରଙ୍ଗତୂଳୀ କଳାକାରମାନଙ୍କ ରୋଜଗାର ଉପରେ ସରକାର ରୋକ ଲଗାଇବା ଭଳି କାମ କରିଛନ୍ତି ବୋଲି ରାଜ୍ୟ ସଂଘ ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଉପସଭାପତି ଗୋପୀନାଥ ପାଳ, ସମ୍ପାଦକ ପି.ମଣିକୁମାର, କୋଷାଧକ୍ଷ ଏଲ୍.ବି. ପଟ୍ଟନାୟକ, ଉପଦେଷ୍ଟା ଏଲ୍.ମାଣିକ୍ୟ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଗୌରୀ ମିଶ୍ର ହତ୍ୟା ମାମଲା ; ଆଉ ଜଣେ କୋର୍ଟଚାଲାଣ

ଗୁଣପୁର,୧୨।୭ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଆଶା ସଂସ୍ଥାର ନିର୍ଦ୍ଦେଶକଙ୍କୁ ହତ୍ୟା କରାଯିବା ଘଟଣାରେ ପୂର୍ବରୁ ପୋଲିସ ୯ ଜଣଙ୍କୁ ଗିରଫ କରିଥିବାବେଳେ ବୁଧବାର ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଜପତି ଜିଲା ଆର.ଉଦୟଗିରି ଅଞ୍ଚଳର ମୁନା ଲିମା (୩୦)। ମୁନାଙ୍କୁ ମିଶାଇ ପୋଲିସ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଛତ୍ରପୁର ଅଞ୍ଚଳର କାହ୍ନା ପ୍ରଧାନ ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଗୁଣପୁର ପୋଲିସ ସୂଚନା ଦେଇଛି। ମୃତ ରାଜେଶଙ୍କ ସମେତ ମୁନା ଏବଂ କାହ୍ନା ୩ ଜଣ ସୁପାରି କିଲର ଭାବେ ଗତ ମେ ୧୩ ତାରିଖ ରାତିରେ ବଂଶଧାରା ନଦୀ ବ୍ରିଜ ଉପରକୁ ଆସି ଗୌରୀ ମିଶ୍ରଙ୍କୁ ନିକଟରୁ ଗୁଳି କରି ହତ୍ୟା କରିଥିଲେ। ଗତ ୩ ତାରିଖରୁ ପୋଲିସ ମୁନାଙ୍କୁ ଅଟକ ରଖି ପଚାରାଉଚରା ଚାଲୁ ରଖିଥିଲେ। ମୁନା ଜରିଆରେ କାହ୍ନାଙ୍କ ନିକଟରେ ପୋଲିସ ପହଞ୍ଚିବାକୁ ଯୋଜନା କରିଥିଲା। ହେଲେ ସେପରି କିଛି ନ ହେବାରୁ ପୋଲିସ ବାଧ ହୋଇ ବୁଧବାର ମୁନାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ସମାନ ଗ୍ରେଡ୍ ପେ’କୁ ସମାନ ଦରମା ଦାବି



ବେସରକାରୀ ଅନୁଦାନପ୍ରାପ୍ତ ଅଧାପକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାୟଗଡା,୧୨।୭ (ଭାଗ୍ୟଶ୍ରୀ ମିଶ୍ର)

## ୬୬୨ ଅଧାପକ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ

ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ବେସରକାରୀ ଅନୁଦାନପ୍ରାପ୍ତ ଅଧାପକ କର୍ମଚାରୀ ସଂଘ ରାୟଗଡ଼ା ଜିଲା ଶାଖା ତରଫରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏହି ଦାବିପତ୍ର ଗ୍ରହଣ କରିଛନ୍ତି। ସମାନ ଗ୍ରେଡ୍ ପେ’କୁ ସମାନ ଦରମା ପ୍ରଦାନ କରିବା,ସମସ୍ତଙ୍କୁ ପେନ୍‌ସନ ଓ ଅବସରକାଳୀନ ରାଶି ପ୍ରଦାନ, ୨୦୧୮ରୁ ନିଯୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ ଦରମା ପ୍ରଦାନ ଓ ବିଭିନ୍ନ ଅସଙ୍ଗତିରେ ବାଦ୍ ପଡିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ପାଇଁ ଦାବି କରାଯାଇଛି । ରାୟଗଡ଼ା ଜିଲା ଶାଖା ସଂଘ ସଭାପତି ହୃଷୀକେଶ ଜାଲି ଦାବିପତ୍ର ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି କହିଛନ୍ତି,୩୦ବର୍ଷ ଧରି ଯେଉଁ ଅଧାପକମାନେ ଦୁଃଖକଷ୍ଟ ସହି ଅବସର ନେଇଯାଇଛନ୍ତି ସେମାନଙ୍କୁ ମଧ ପେନ୍‌ସନ ଦେବାର ବ୍ୟବସ୍ଥା କରିବା ସହ ବର୍ତ୍ତମାନ ଜିଲାରେ ଥିବା ୧୫୦ଜଣ ଅଧାପକ କର୍ମଚାରୀଙ୍କ ବିଷୟକୁ ମଧ ଗୁରୁତ୍ୱ ଦିଆଯାଉ । ଏହି ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ସଞ୍ଜୟ କୁମାର ତ୍ରିପାଠୀଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ‘ମୋ ଘର ଯୋଜନା’ ସମ୍ପର୍କିତ ସଚେତନତା କର୍ମଶାଳା

ବିଷମକଟକ,୧୨।୭ (ବିଭୂତି ଭୂଷଣ ନାୟକ)

ବିଷମ କଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ‘ମୋ ଘର ଯୋଜନା’ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କ ଅଧକ୍ଷତା ଆୟୋଜିତ ଏହି ୨ଦିନିଆ କର୍ମଶାଳାରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶୀଳା ଶବର ଓ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ‘ମୋ ଘର ଯୋଜନା’ର ଋଣ ପାଇବା ନିମନ୍ତେ ଅଙ୍ଗନୱାଡି କର୍ମୀମାନେ ଯୋଗ୍ୟ ହୋଇଥିବାରୁ ବିଡିଓ ନାୟକ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ମୋ ଘର ଯୋଜନାର ଲାଭ ଉଠାଇ ଘର ନିର୍ମାଣ, ମରାମତି ନିମନ୍ତେ ଆବେଦନକରି ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେବା ପାଇଁ ସୂଚନା ଦେଇଥିଲେ। ଋଣ ନେବାର ୧ ବର୍ଷ ପରେ ପ୍ରତ୍ୟେକ ମାସରେ ଋଣ ପରିଶୋଧ କରିବା ନିମନ୍ତେ ସେ କହିଥିଲେ । ଏହି ଋଣ ନେଲେ ରାଜ୍ୟ ସରକାର ୭୦ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ ବ୍ୟବସ୍ଥା ରହିଥିବା ମଧ ସୂଚନା ଦେଇଥିଲେ । ତେଣୁ ସମସ୍ତ ଅଙ୍ଗନୱାଡି କର୍ମୀ ‘ମୋ ଘର ଯୋଜନା’ ଆବେଦନ ନିମନ୍ତେ ଆବଶ୍ୟକ କାଗଜପତ୍ର ସଂଗ୍ରହକରି ଅନ୍‌ଲାଇନରେ ଆବେଦନ କରିବା ନିମନ୍ତେ କହିଥିଲେ। ଏଥିସହ ଅଙ୍ଗନୱାଡି କେନ୍ଦ୍ର ପରିଚାଳନାରେ କେନ୍ଦ୍ରଗୁଡ଼ିକରେ ରହିଥିବା ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଥିଲେ। ରାସକୋଲା ଗ୍ରାମପଞ୍ଚାୟତର ଟଗାପଦର, କୁର୍ଲୀ ଗ୍ରାମ ପଞ୍ଚାୟତର ଜନାପିଙ୍ଗା ଏବଂ ଚାଟିକୋଣା ପଞ୍ଚାୟତର ବାରିଗୁଡ଼ାଠାରେ ଅଙ୍ଗନୱାଡି କେନ୍ଦ୍ର ଦୀର୍ଘବର୍ଷ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିବା କର୍ମୀମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଡୁକୁମ ପଞ୍ଚାୟତର କିଆଲପାଡୁ ଏବଂ ବଡ଼ମଟକ ବାଡି କେନ୍ଦ୍ର ପରିସରରେ ପାନୀୟ ଜଳ ସମସ୍ୟା ରହିଥିବା ନେଇ କର୍ମମାନେ ସୂଚନା ଦେଇଥିଲେ । ଛତୁଆ, ସୁଜି ହାଲୁଆ, ବାଦାମ ଲଡୁ ଯୋଗାଣରେ ଚାଲିଥିବା ବ୍ୟାପକ ଅନିୟମିତତା ସମ୍ବନ୍ଧରେ ମଧ ବୈଠକରେ ଆଲୋଚନା ହୋଇଥିଲା । ଛୋଟ ପିଲା, ଗର୍ଭବତୀ, ପ୍ରସୂତି ମା’ମାନଙ୍କୁ ନିୟମିତ ଖାଦ୍ୟ ଯୋଗାଣ କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅଙ୍ଗନୱାଡି କର୍ମୀ।

### ଇମ୍ଫା ପକ୍ଷରୁ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

କୋଲନରା, ୧୨।୭ (ମାନସ ରଞ୍ଜନ ମିଶ୍ର)

ପ୍ରଧାନମନ୍ତ୍ରୀଙ୍କ ଟିବିମୁକ୍ତ ଭାରତ ଅଭିଯାନ ଉପଲକ୍ଷେ ଥେରୁବାଲିସ୍ଥିତ ଇମ୍ଫା କମ୍ପାନୀ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି। କାରଖାନା ପରିସରରେ ଥିବା ବିଶ୍ୱକର୍ମା ଭବନରେ ଇମ୍ଫା ଡାକ୍ତରଖାନାରେ ଚିକିତ୍ସାଧୀନ ଥେରୁବାଲି ଅଞ୍ଚଳର ୧୦ ଜଣ ରୋଗୀଙ୍କୁ ଏହି ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଇମ୍ଫାର ଉପସଭାପତି ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଶିଷ କୁମାର ରାୟ ଯୋଗଦେଇ ଟିବିମୁକ୍ତ ଥେରୁବାଲି ଆମର ଲକ୍ଷ୍ୟ ଓ ସମସ୍ତେ ଏଥିରେ ଭାଗୀଦାରୀ ହେବା ଆବଶ୍ୟକ ବୋଲି କହିଥିଲେ। ରାୟଗଡାସ୍ଥିତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନରେ ଇମ୍ଫାର ଯୋଗଦାନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେହିପରି କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଜି.ଶୈଳଜା ଇମ୍ଫା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କରାଯାଉଥିବା ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମର ପ୍ରସଂଶା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ-ମହାପ୍ରବନ୍ଧକ (କାର୍ମିକ ଓ ପ୍ରଶାସନ ) କଲୋଳ କୁମାର ନାୟକ ଓ ଅନ୍ୟ ବିଭାଗର ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ନଳକୂପ ଅଚଳ, ପାଣି ପାଇଁ ଲୋକେ ଡହଳବିକଳ

ଚନ୍ଦ୍ରପୁର,୧୨।୭ (ବିଜୟ ପ୍ରସାଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକର ଟୁରୀଗୁଡା ପଞ୍ଚାୟତ ରାମନା ଗ୍ରାମରେ ଥିବା ସୋଲାର ଚାଳିତ ନଳକୂପ ଗତ ୧ ବର୍ଷ ହେଲା ଅଚଳ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ପରେ ବି ଏହା ମରାମତି କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବାବେଳେ ପାନୀୟ ଜଳ ପାଇଁ ଗ୍ରାମବାସୀ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି।

ରାମନା ଗ୍ରାମରେ ୫୫ ପରିବାର ବସବାସ କରନ୍ତି। ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ପକ୍ଷରୁ ୨ଟି ନଳକୂପ ରହିଛି। ତେବେ ଗତ ୧ ବର୍ଷ ହେଲାଣି ସୋଲାରଚାଳିତ ନଳକୂପଟି ଅଚଳ ହୋଇ ପଡି ରହିଛି। ଫଳରେ ଗୋଟିଏ ନଳକୂପ ଉପରେ ଭରସା କରି ଚଳୁଛନ୍ତି ପୂରା ଗ୍ରାମବାସୀ। ସେଥିରୁ ମଧ ପର୍ଯ୍ୟାପ୍ତ ପାଣି ବାହାରୁ ନ ଥିବାରୁ ଲୋକେ ପାଣି ଟୋପାଏ ପାଇଁ ସ୍ଥାନୀୟ ଗ୍ରାମର ସ୍କୁଲ ପରିସରରେ ଥିବା ନଳକୂପରୁ ପାଣି ଆଣି ବ୍ୟବହାର କରୁଥିବା ଗ୍ରାମବାସୀ ରାମରାଓ ପାକି, ଲକ୍ଷ୍ମୀ ଗୁଲା, ଶିବାନୀ ପାକି, ସୃତି ପାକି, ପ୍ରମୁଖ ପ୍ରକାଶ କରିଛନ୍ତି। ଗତ ଜୁନ୍ ମାସରେ ଚନ୍ଦ୍ରପୁର ବିଡ଼ିଓ ଗ୍ରାମ ପରିଦର୍ଶନରେ ଆସିଥିଲା ବେଳେ ପାଣି ସମସ୍ୟା ନେଇ ବିଡ଼ିଓଙ୍କୁ ଅବଗତ କରାଯାଇଥିଲା। ଏହାପରେ ବି ନଳକୂପ ମରାମତି ହୋଇ ନ ଥିବା ଗ୍ରାମବାସୀ ଧନୁର୍ଜୟ ଦିଶାରୀ, ପ୍ରସାଦ ପାକି, ବଳଭଦ୍ର ରୁସିଂ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଳିକଙ୍କୁ ପଚାରିବାରୁ, ସୋଲାର ନଳକୂପ ମରାମତି ପାଇଁ ଅଲଗା ଟେକ୍ନିସିଆନ ଅଛନ୍ତି, ସେମାନଙ୍କୁ ସୂଚନା ଦିଆଯାଇଛି ସେମାନେ ଆସିଲେ ମରାମତି କରାଯିବ ବୋଲି ସେ କହିଛନ୍ତି।



ଅଚଳ ସୋଲାର ଚାଳିତ ନଳକୂପ ସମ୍ମୁଖରେ ଗ୍ରାମବାସୀ ଗରା, ବାଲ୍‌ଟି ଧରି ପ୍ରତିବାଦ କରୁଛନ୍ତି।

## ସଂକ୍ଷେପରେ

### ଗଦାଧର ମହାପାତ୍ରଙ୍କ ନାଁରେ ସାହିର ନାମକରଣ ଦାବି



**ଜୟପୁର ୧୨।୭ (ପବନ ପାଣିଗ୍ରାହୀ):** ଓଡିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆଜାଦ ହିନ୍ଦ୍ ଫୌଜର ବୀର ଯୋଦ୍ଧା ଗଦାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସେ ରହୁଥିବା ଦାଶ ସାହିର ନାମ ପରିବର୍ତ୍ତନ କରି ଗଦାଧର ମହାପାତ୍ରଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଜୟପୁର ନାଗରିକ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦାବି ହୋଇଛି । ଗଦାଧର ୨୨ଟି ବାଘର ଶିକାର କିରିବା ସହ ଗୋଟିଏ ଚିତା ବାଘ ସହିତ ଅଧ ଘଣ୍ଟା କାଳ ଯୁଦ୍ଧ କରି ଶେଷରେ ତାକୁ ପରାସ୍ତ କରିଥିଲେ ବୋଲି ଗଦାଧରଙ୍କ ବାଲ୍ୟବନ୍ଧୁ ଗଙ୍ଗାଧର ନନ୍ଦ ଖବରଦାତାଙ୍କୁ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷଣ ନାୟକଙ୍କୁ ନେଇ କୋରାପୁଟ ଗର୍ବିତ । ଏହି ମାଟି ସହ ଯୋଡି ହୋଇଯାଇଛି ୪୦ ଦଶକର ଆଉ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ କଥା । କେନ୍ଦ୍ର ସରକାରଙ୍କ ୱେବସାଇଟରେ ରହିଛି କୋରାପୁଟ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ କଥା । ତେବେ ୨୦୦୧ରେ ଗଦାଧରଙ୍କ ମୃତ୍ୟୁ ହୋଇଥିଲା । ଦୀର୍ଘ ୨୨ ବର୍ଷ ପରେ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିଚୟ ମିଳିଥିବାରୁ ଜୟପୁରବାସୀ ଖୁସି ପ୍ରକଟ କରିଥିଲେ । ଖବରଦାତା ସମ୍ମିଳନୀରେ କମିଟିର ସଭାପତି ମୀନକେତନ ଦାସ, ସଦସ୍ୟ ଗଙ୍ଗାଧର ନନ୍ଦ, ସୁରେଶ ଦାସ, ହେମନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଭିଡିସି ଟଙ୍କା ଆତ୍ମସାତ୍ ଅଭିଯୋଗ

ଦଶମନ୍ତପୁର, ୧୨।୭( ଅରବିନ୍ଦ ନାୟକ ) କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ଅଧୀନ ୩ ଗାଁର ବିକାଶ ପାଇଁ ଜମା ଖାତାରେ ଥିବା ଭିଡିସି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ବୁଧବାର ପୋଲିସ ଡ଼ମ୍ବୁରୁ ଧର ଜାନୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେ ବର୍ଷେ ହେବ ଫେରାର ଥିଲେ। କିଛି ବର୍ଷ ତଳେ ବାଲି ଘାଟ, ଉପର ଗଦ୍ରି ଏବଂ ପରଜା ଗଦ୍ରି ଗ୍ରାମରେ ଜଳଛାୟା ପ୍ରକଳ୍ପ ଆସିଥିଲା। ଉକ୍ତ ୩ ଗାଁର ଲୋକଙ୍କୁ ନେଇ ୧୯ ଜଣିଆ ଗଦ୍ରିମାଳି ନାମରେ ଏକ କମିଟି ଗଠନ କରାଯାଇ ଥିଲା। ଡ଼ମ୍ବୁରୁଧରଙ୍କୁ ଉକ୍ତ କମିଟି ସମ୍ପାଦକଭାବେ ଗ୍ରାମବାସୀ ଚୟନ କରିଥିଲେ। ସଭାପତି ଓ ସମ୍ପାଦକଙ୍କ ନାମରେ ଯୁଗ୍ମ ଜମା ଖାତା ଖୋଲା ଯାଇଥିଲା। ଜଳଛାୟା ପ୍ରକଳ୍ପରେ ନିୟୋଜିତ ସମସ୍ତ ଶ୍ରମିକ ମାନଙ୍କ ମଜୁରୀ ଟଙ୍କାରୁ ଅଳ୍ପ କିଛି କାଟି ଉକ୍ତ ଜମାଖାତାରେ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଗାଁର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରିବା ଲାଗି ଉକ୍ତ ଖାତାରେ ୨ ଲକ୍ଷ ୪୦ ହଜାର ଟଙ୍କା ଥିଲା। ଗ୍ରାମବାସୀ ତଥା କମିଟିର ବିନା ଅନୁମତିରେ ଡମ୍ବରୁଧର ୧ ଲକ୍ଷ ୫୦ ହଜାର ଟଙ୍କା ଉଠାଇ ଆତ୍ମସାତ କରିଥିବା ଥାନାରେ ଲିଖିତଭାବେ ଗ୍ରାମବାସୀ ଜଣାଇଛନ୍ତି। ପୋଲିସ ଡମ୍ବରୁଙ୍କୁ ଥାନାକୁ ଆସିବାକୁ କହିଥିଲେ। ସେ କିନ୍ତୁ ଫେରାର ଥିଲେ। ବୁଧବାର ଥାନାଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ନିର୍ମଳା ଲିମା ପୋଲିସ ଟିମ୍ ସହ ଡମ୍ବରୁଙ୍କ ଘରକୁ ଯାଇ ସେଠାରୁ ତାଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଟଙ୍କା ନ ଫେରାଇଲେ ଗୁରୁବାର ତାଙ୍କୁ ଗିରଫ କରି କରାଯିବା ନଇ ସୂଚନା ମିଳିଛି।

# ବର୍ଷାରେ ବୁଡ଼ିଲା ବଙ୍ଗଳାଗୁଡ଼ା ପୋଲ

- ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଛି ଶତାଧିକ ଗାଡ଼ି
- କୋରପୁଟ-ରାୟଗଡ଼ା ଯାତାୟାତ ବନ୍ଦ ରହିଛି



କୋରାପୁଟ,୧୨।୭(ଅମିତାଭ ବେହେରା)

କୋରାପୁଟରେ ବୁଧବାର ପ୍ରବଳ ବର୍ଷା ହୋଇଛି। ଏହା ଫଳରେ କୋରାପୁଟ -ରାୟଗଡା ମଧ୍ୟରେ ଥିବା ବଙ୍ଗଳାଗୁଡା ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହୋଇ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି।

କୋରାପୁଟରୁ ରାୟଗଡା ଯାଇଥିବା ମୁଖ୍ୟ ରାସ୍ତାର ବଙ୍ଗଳାଗୁଡା ପୋଲଟି କିଛି ମାସ ତଳେ ହଠାତ୍ ଭାଙ୍ଗି ପଡ଼ିଥିଲା। ଯାହା ଫଳରେ ଯାତାୟତରେ ବହୁ ଅସୁବିଧା ହେଉଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ପୋଲ କଡ଼ରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି। ସେଇ ପୋଲଦେଇ ଗାଡ଼ିଗୁଡ଼ିକ କୋରାପୁଟ ରାୟଗଡ଼ା ଯାତାୟତ କରୁଛି। ଅସ୍ଥାୟୀ ପୋଲଟି କମ ଉଚ୍ଚତା ହୋଇଥିବା ଯୋଗୁ ଟିକେ ବର୍ଷା ହେଲେ ପୋଲ ଉପରେ ଆଣ୍ଠୁଏ ପାଣି ଚାଲୁଛି । ବୁଧବାର ପ୍ରବଳ ବର୍ଷା ଯୋଗୁ ପାହାଡ଼ରୁ ବୋହି ଆସୁଥିବା ପାଣି ସେଇ ପୋଲ ଉପର ଦେଇ ପ୍ରବାହିତ ହେଉଛି। ଯାହା ଫଳରେ କୋରାପୁଟରୁ ରାୟଗଡା ଯାତାୟତ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ରାୟଗଡ଼ାକୁ ଯାଉଥିବା ଗାଡ଼ିଗୁଡ଼ିକ ଏବେ ଦାମନଯୋଡି ଦେଇ ଯାଉଛି। ବଙ୍ଗାଳାଗୁଡାରେ ଏକ ନୂତନ ପୋଲ ନିର୍ମାଣନେଇ ବାରମ୍ବାର ସ୍ଥାନୀୟ ବ୍ୟକ୍ତିଙ୍କ ସହିତ ରାଜନେତାମାନେ ଦାବି କରି ଆସୁଥିଲେ। ଆଜି ପର୍ଯ୍ୟନ୍ତ ପୋଲ ନିର୍ମାଣ ହୋଇପାରିଲା ନାହିଁ। ଜିଲା ପ୍ରଶାସନ ପକ୍ଷରୁ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଛି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ କମିଟି

## ଗୁପ୍ତେଶ୍ୱରଠାରେ ଜଳାଭିଷେକ କର ଆଦାୟ ବନ୍ଦ ଘଟଣା

ଜୟପୁର ୧୨।୭ (ପବନ ପାଣିଗ୍ରାହୀ)

ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କର ଆଦାୟ ବନ୍ଦ କରିବାକୁ ଜୟପୁର ନାଗରିକ କମିଟି କମିଟି ପକ୍ଷରୁ ଦାବି କରାଯାଇଛି । ଯଦି ତୁରନ୍ତ ବନ୍ଦ କରା ନ ଯାଏ ତେବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି କହିଛି କମିଟି। ଏଥିସହ ଆସନ୍ତା ରବିବାର ଗୁପ୍ତେଶ୍ୱର ଯାଇ ଯାତ୍ରୀମାନଙ୍କୁ ଟଙ୍କା ନ ଦେବା ପାଇଁ ଅବଗତ କରାଯିବ ବୋଲି ବୁଧବାର ଜୟପୁର ନାଗରିକ କମିଟି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି ।

ସମଗ୍ର ଦକ୍ଷିଣ ଓଡିଶା ସହ ଆନ୍ଧ୍ର ଓ ଛତିଶଗଡର ହିନ୍ଦୁ ସେବକମାନଙ୍କର ଏକ ପ୍ରସିଦ୍ଧ ଶୈବପୀଠ। ଏଠାକୁ ବର୍ଷ ସାରା ଭକ୍ତ ଆସିବା ସହ ଶ୍ରାବଣ ମାସ ସୋମବାର ହଜାର ହଜାର ସଂଖ୍ୟାରେ ଭକ୍ତ ନଦୀରେ ସ୍ନାନ କରି ବହୁ ଦୂରରୁ କାଉଡିରେ ପାଣି ଆଣି ଏଠାକୁ ଆସି ମହାଦେବଙ୍କ ଦର୍ଶନ ଓ ଜଳାଭିଷେକ କରନ୍ତି । ଏପରି ସ୍ଥଳେ ବୋଝ ଉପରେ ନଳିତା ବିଡା ପରି ପ୍ରଶାସନ ପକ୍ଷରୁ ମୁଣ୍ଡ ପିଛା ୧୦ ଟଙ୍କା ଆଦାୟ କରିବା ପାଇଁ ଯେଉଁ ପ୍ରୟାସ କରାଯାଉଛି ତାହାକୁ ନିନ୍ଦା କରାଯାଉଛି । କାହାର ନିର୍ଦ୍ଦେଷ ନ ଥିବା ସତ୍ତ୍ୱେ ଜୟପୁର ଉପଖଣ୍ଡ ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି । ଏହି କର ଆଦାୟକୁ ତୁରନ୍ତ ବନ୍ଦ କରିବା ନିମନ୍ତେ ଦାବି କରାଯାଇଛି । ଏହା ସହ ଜୟପୁର ନାଗରିକ କମିଟି ତରଫରୁ ଅଟୋ ଦର ନିର୍ଦ୍ଧାରିତ କରିବା ସହ ସହରରେ ଟାଉନ ବସ୍ ଚଳାଚଳ କରିବାକୁ ଦାବି କରାଯାଇଛି। ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି । ଜୟପୁରଠାରୁ ଜିଲା ଚିକିତ୍ସାଳୟ, ରେଳ ଷ୍ଟେଶନ, ଏୟାର ପୋର୍ଟ, ଆଦର୍ଶ ବିଦ୍ୟାଳୟ ବସ୍ଷ୍ଟାଣ୍ଡ ଠାରୁ ବହୁ ଦୁରରେ ରହିଛି । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଟୋ ଚାଳକମାନେ ମଧ୍ୟ ମନଇଚ୍ଛା ଭଡ଼ା ଦାବି କରୁଛନ୍ତି। ସେଥିପାଇ ଟାଉନ ବସ୍ ଚଳାଚଳ କରିବାକୁ ନାଗରିକ କମିଟିର ସଭାପତି ମୀନକେତନ ଦାସ ଦାବି କରିଛନ୍ତି। ସେହିପରି ଭାରତୀୟ ଷ୍ଟେଟ ବ୍ୟାଙ୍କର ଜୟପୁର ମୁଖ୍ୟ ଶାଖାର ନିଜସ୍ୱ ଜାଗାରେ ସ୍ଥାୟୀ କୋଠା କରି ସେଠାରେ ବ୍ରାଞ୍ଚ କରିବାକୁ ସିଜିଏମ ଏସବିଆଇ ଭୁବନେଶ୍ୱରକୁ ନାଗରିକ କମିଟି ତରଫରୁ ଦାବି କରାଯାଇଛି । ଖବରଦାତା ସମ୍ମିଳନୀରେ କମିଟିର ସଭାପତି ମୀନକେତନ ଦାସ, ସଦସ୍ୟ ଗଙ୍ଗାଧର ନନ୍ଦ, ସୁରେଶ ଦାସ, ହେମନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଧାନ ନ ହେଲେ ବ୍ଲକ୍ ଅଫିସ୍ ଘେରାଉ ଚେତାବନୀ



ପମ୍ପ ହାଉସ ସମ୍ମୁଖରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

## ବିକ୍ରମପୁରରେ ବସୁଧା ଯୋଜନା ଫେଲ୍

ନାରାୟଣପାଟଣା, ୧୨।୭(ରାଜ କିଶୋର ଜେନା )

ନାରାୟଣପାଟଣା ପଞ୍ଚାୟତର ବିକ୍ରମପୁର ଗ୍ରାମର ଦଳିତ ସାହିରେ ଗତ ୬ ମାସ ହେଲା ପାଣି ଟାଙ୍କି ଅଚଳ ଅବସ୍ଥାରେ ପଡ଼ିଛି। ଫଳରେ ପାନୀୟ ଜଳ ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ କୌଣସି ସୁଫଳ ନ ମିଳିବାରୁ ବୁଧବାର ଗରା, ହାଣ୍ଡି ଧରି ବିକ୍ରମପୁର ପମ୍ପ ହାଉସ ସମ୍ମୁଖରେ ମହିଳାମାନେ ପ୍ରତିବାଦ କରିଥିଲେ। ଉକ୍ତ ଲୋକେ ପମ୍ପ ଅପରେଟର କ୍ଷେତ୍ରବାସୀ ବିଶୋଇଙ୍କୁ ଅଟକ ରଖିଛନ୍ତି । ଯଦି ତୁରନ୍ତ ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ମହିଳାମାନେ ବ୍ଲକ୍ ଅଫିସ୍ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ନାରାୟଣପାଟଣା ବ୍ଲକ୍ ବିକ୍ରମପୁର ଗାଁରେ ପାଖାପାଖି ୨ଶହ ପରିବାର ବସବାସ କରୁଛନ୍ତି। ତେବେ ଗାଁରେ ଗୋଟିଏ ପାଣି ଟାଙ୍କି ରହିଛି। ତେବେ ଗତ ୬ ମାସ ହେଲା ପାଣି ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଶୌଚଠୁ ଆରମ୍ଭ କରି ପାନୀୟ ଜଳ ପାଇଁ ନଦୀ ଉପରେ ନିର୍ଭର କରୁଛନ୍ତି। ନଦୀ ପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଓ ଅପରେଟର ଜଣକ ଚତୁରତା ସହ ଗୋଟିଏ ସାହିକୁ ପାଣି ଛାଡୁଥିବା ବେଳେ ଅନ୍ୟ ସାହିକୁ ଛାଡୁ ନ ଥିବା ଗାଁର ସୁଶାନ୍ତ କୁଲଦୀପ, ସରଜ୍ ହିଆଲ୍, ସୁଶୀଲ ହିଆଲ, କୋଇଲାସ ହିଆଲା, ଦିପୁ ବିଡ଼ିକା, ପାର୍ବତୀ ଖସଲା, ଗୁରୁ ଖୋସଲା, ସୁମିତ୍ରା କାତ୍ରୀୟା, ମିତା କାତ୍ରିୟା, ମୋଇନା ବୀଡ଼ିକା, ଆଲବିନା ତିରୁକ୍, ସଞ୍ଜୀବ ହୀଆଲ, ସୁସ୍ମିତା ହିଆଲ୍, ସୁକୁନ୍ତୁଲା ହୀଆଲ୍, ଚଞ୍ଚଳା ବିଡ଼ିକା, ନାଇନ ହିଆଲ୍ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଇନ୍ସପେକ୍ଟରସ୍ତରରେ ଅଦଳବଦଳ

କୋରାପୁଟ, ୧୨।୭(ଅମିତାଭ ବେହେରା)

କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଚରଣ ସିଂହ ମୀନା ପୋଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ କରିଛନ୍ତି। ଡିଆଇଜି କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବଦଳି ତାଲିକା ଅନୁଯାୟୀ ଜିଲାରେ କାର୍ଯ୍ୟରତ ୨୦ ଜଣ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। କୋରାପୁଟ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ ଦିବ୍ୟାଲୋଚନ ରାଜଙ୍କୁ ନୂଆପଡ଼ା, ତିଳୋତ୍ତମା ନାୟକଙ୍କୁ ମାଲକାନଗିରି ଓ ଭବାନୀ ମୁଦୁଲିଙ୍କୁ ରାୟଗଡ଼ା ବଦଳି କରାଯାଇଛି। ଜୟପୁର ଟାଉନ ଥାନାଧିକାରୀ ସସ୍ମିତ ବେହେରାଙ୍କୁ ନବରଙ୍ଗପୁର, ମହିଳା ଥାନାଧିକାରୀ ମମତା ପାଣିଗ୍ରାହୀଙ୍କୁ କଳାହାଣ୍ଡି, ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ କୁମାର ଲାକ୍ରା ଓ ସାଇବର ଥାନାଧିକାରୀ ସସ୍ମିତା ପରିଡ଼ାଙ୍କୁ ନବରଙ୍ଗପୁର ବଦଳି କରା ଯାଇଛି। ପଟ୍ଟାଙ୍ଗି ଥାନାଧିକାରୀ କୈବଲ୍ୟ ସେଠଙ୍କୁ କଳାହାଣ୍ଡି, କୋଟପାଡ଼ ଥାନାଧିକାରୀ ଶେଷଦେବ ବେହେରା, ରଘୁନାଥ ମାଝିଙ୍କୁ କଳାହାଣ୍ଡି ଜିଲାକୁ ବଦଳି ହୋଇଛି। ସେହିପରି କାକିରିଗୁମ୍ମା ଥାନାଧିକାରୀ ଦାମୋଦର ବିହାରୀ, ଲକ୍ଷ୍ମୀପୁର ଥାନାଧିକାରୀ ଶ୍ୱେତପଦ୍ମା ସେଠ, ସୁନାବେଡ଼ା ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସେମିଳିଗୁଡ଼ା ଥାନାଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ବିଜୟରାଜ ମାଝିଙ୍କୁ କଳାହାଣ୍ଡି ବଦଳି ହୋଇଛି। ପୋଲିସ ମୁଖ୍ୟାଳୟରେ ଥିବା ମୁନି କୁମାରୀ ଆଚାରୀ, କୋରାପୁଟ ସଦର ଥାନାଧିକାରୀ କିରଣ ବାଲା ସାମଲ, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ, ବୈପାରିଗୁଡ଼ାର ଅଶ୍ୱିନୀ ପଟ୍ଟନାୟକ ଓ କୁନ୍ଦୁରା ଥାନାଧିକାରୀ ସମର୍ପିତା ସ୍ୱାଇଁଙ୍କୁ ରାୟଗଡ଼ା ବଦଳି କରାଯାଇଛି।

# ଶପଥ ନେଲେ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା



ସେମିଳିଗୁଡ଼ା, ୧୨।୭(ବାସୁଦେବ ବରାଡ଼)

ସେମିଳିଗୁଡ଼ା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ କ୍ଲବ କ୍ୟାମ୍ପସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ଉପଦେଷ୍ଟା ଶେଖ ଇବ୍ରାହିମ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଅଜୟ କୁମାର ସାହୁ ସଭାପତି, କୁରମା ରାଓ ଓ ପୁରୀନ୍ଦର ବାରିକ ଉପ ସଭାପତି, ସମ୍ପାଦକ ମନୋଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କ୍ଷୀରାବ୍ଧିତନୟ ଭୋଇ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବାସୁଦେବ ବରାଡ, କଲ୍ୟାଣ ପାଦପଣି ଅଧକ୍ଷ କର୍ଣ୍ଣାଟ କେଶରୀ ସାମଲ ଓ କାର୍ଯ୍ୟକାରୀ ସଦସ୍ୟଭାବେ ସ୍ୱସ୍ତିକ ମିଶ୍ର, ଶ୍ରୀକାନ୍ତ ଚୌଧୁରୀ ଓ ପ୍ରଭାତ ସୂତାର ଉପସ୍ଥିତ ଥିଲେ। ଅନ୍ୟତମ ଉପଦେଷ୍ଟା ଶଶଧର ରାଉତ ଓ ବିଜୟ ଆଚାର୍ଯ୍ୟଙ୍କ ସମେତ ସୁଶାନ୍ତ ବିଶ୍ୱାଳ, ପ୍ରମୋଦ ପଣ୍ଡା, ସୁନୀଲ କୁମାର, ବିଶ୍ୱଜିତ ରାୟ ଯୋଗଦେଇଥିଲେ । ସ୍ଥାନୀୟ ପରିଷଦ ମମତା ରାୟ କ୍ଲବରେ ପହଞ୍ଚି ସଭାପତି ଓ ସମ୍ପାଦକଙ୍କୁ ଉପହାରଭାବେ ଚାରା ପ୍ରଦାନ କରି ସ୍ୱାଗତ କରିଥିଲେ। ସୁନାବେଡ଼ା ପ୍ରେସ୍ କ୍ଲବର ସଭାପତି ଦିଲୀପ ମହାନ୍ତି ଓ ସମ୍ପାଦକ ସନ୍ତୋଷ ପଲାଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

# ଛତୁ ଖାଇ ପରିବାରର ୪ ଗୁରୁତର

ଝରିଗାଁ, ୧୨ ।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅଧୀନ ଅମଲିଝରି ଗ୍ରାମର ଗୋଟିଏ ପରିବାରର ୪ ଜଣ ଛତୁ ଖାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ସୂଚନାନୁଯାୟୀ, ଅମଲିଝରି ଗ୍ରାମର ପଦମନ ପୂଜାରୀଙ୍କ ପରିବାର ଲୋକ ବୁଧବାର ସକାଳ ପ୍ରାୟ ୧୦ଟାରେ ଛତୁ ରୋଷେଇ କରି ଖାଇଥିଲେ। ଖାଇବାର କିଛି ଘଣ୍ଟା ପରେ ପଦମନଙ୍କ ସ୍ତ୍ରୀ କମଳି ପୂଜାରୀ(୩୫), ପୁଅ ନରେନ୍ଦ୍ର (୩), କୈଳାସ (୧୨) ଏବଂ ଝିଅ ହୀରାମଣି(୭)ଙ୍କୁ ପେଟବଥା ସହ ଝାଡା ଏବଂ ବାନ୍ତି ହୋଇଥିଲା। ଧୀରେ ଧୀରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଆଶା କର୍ମୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଝରିଗାଁ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ଠିକ୍ ଥିବା ସୂଚନା ମିଳିଛି।



ନବରଙ୍ଗପୁର ଜିଲା ଉମରକୋଟ ଠିସାଗୁଡ଼ା ନିକଟ ଦେଇ ଯାଇଥିବା ଭାରତମାଳା ରାସ୍ତା ପାର୍ଶ୍ୱରେ ଅଧିକାରୀଗୁଡା ସରକାରୀ ୟୁପିଏସ୍ ସ୍କୁଲ ଛାତ୍ରୀଛାତ୍ରମାନେ ଚାରା ଲଗାଉଛନ୍ତି।

# ନକଲି ମଦ ତିଆରି କାରଖାନାରେ ଚଢ଼ାଉ, ୩ ଗିରଫ

ନନ୍ଦପୁର,୧୨ ।୭ (ଶଙ୍କର ପୂଜାରୀ)





ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ ଓ ଅବକାରୀ କର୍ମଚାରୀ।

ନନ୍ଦପୁର ବ୍ଲକ ସଦର ମହକୁମାର ରାସ୍ତା କଡ଼ରେ ଦୀର୍ଘ ଦିନ ହେଲା ଚାଲିଥିବା ନକଲି ମଦ ତିଆରି କାରଖାନା ଉପରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକ ନିକଟସ୍ଥ ରାସ୍ତା କଡରେ ଥିବା ଭଡ଼ାଘରୁ ନକଲି ମଦ ସହ ମଦ ପ୍ରସ୍ତୁତିରେ ବ୍ୟବହୃତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି। ନକଲି ମଦ ପ୍ରସ୍ତୁତ କରି ଅଞ୍ଚଳରେ ବିକ୍ରି କରୁଥିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ଅଞ୍ଚଳର ପ୍ରଶାନ୍ତ କୁମାର ସିଂ, ସୁଧୀର ସିଂ ଓ ସୋନୁ କୁମାର।

ସୂଚନା ମୁତାବକ ନନ୍ଦପୁର ଏମଡିଆର ୫୫ ରାସ୍ତାକଡ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଛକ ନିକଟରେ ଏକ ଭଡ଼ା ଘରେ କିଛି ବ୍ୟକ୍ତି ନକଲି ବିଦେଶୀ ମଦ ତିଆରି କରି ଗ୍ରାମାଞ୍ଚଳରେ ବିକ୍ରି କରୁଥିବା ସୂଚନା ଅବକାରୀ ଗୁଇନ୍ଦା ବିଭାଗ ପାଇଥିଲା। ଫଳରେ ଜିଲା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାତ୍ରୀଙ୍କ ନିର୍ଦ୍ଦେଶରେ ବୁଧବାର କୋରାପୁଟ ଅବକାରୀ ନିରୀକ୍ଷକ ପ୍ରମୋଦ କୁମାର ବାଣୁଆ ଓ ନନ୍ଦପୁର ଅବକାରୀ ନିରୀକ୍ଷକ ଅଭୟ କୁମାର ନାୟକଙ୍କ ନେତୃତ୍ୱରେ ନକଲି ମଦ କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩୦ ଲିଟର ଅପମିଶ୍ରିତ ନକଲି ମଦ, ୧୭ ହଜାର ୨୮୦ ବଟଲ ବିଦେଶୀ ମଦ, ୨୩୦୦ ବିଭିନ୍ନ ବ୍ରାଣ୍ଡର ଠିପି, ୨୯ ଫର୍ଦ୍ଦ ଷ୍ଟିକର ଓ ୭୨୦ଟି ଖାଲି ବୋତଲ ଜବତ କରାଯାଇଛି। ଚଢାଉରେ ନନ୍ଦପୁର ଅବକାରୀ ନୀରିକ୍ଷକଙ୍କ ସମେତ ଏଏସଆଇ ରାମ ବଡ ନାୟକ, କନଷ୍ଟେବଳ ଦେବେନ୍ଦ୍ର କଆଁର, ଜ୍ଞାନରଞ୍ଜନ ଦୀକ୍ଷିତ, ଗଙ୍ଗା ଶଙ୍କର, ଗୀତା ରାଣୀ ଦଳପତି, କାହ୍ନୁ ମୁଦୁଲି ପ୍ରମୁଖ ସାମିଲ ଥିଲେ।

# ପୂତିଗନ୍ଧମୟ ପରିବେଶରେ ୧୫ ନମ୍ବର ୱାର୍ଡ

ନବରଙ୍ଗପୁର, ୧୨।୭(ସଦାଶିବ ପ୍ରହରାଜ)



- ଗବିରିଏଲଗୁଡ଼ାରେ ୱେଲଥ୍ ସେଣ୍ଟରରେ ଉତ୍ତେଜନା
- ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା, ସମାଧାନ ପ୍ରତିଶ୍ରୁତି ଦେଲେ ଅଧିକାରୀ

ପୌରସଂସ୍ଥା ସାହି ଗଳିରୁ ଆବର୍ଜନା ଉଠାଇବା ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ସହରର ଆବର୍ଜନା ଆଶାଜନକକ ଭାବେ ହଟି ପାରୁନାହିଁ। ଏପରି ଅଭିଯୋଗ କରିଛନ୍ତି ନବରଙ୍ଗପୁର ପୌରାଞ୍ଚଳ ୧୫ ନମ୍ବର ୱାର୍ଡବାସୀ। ଏହାକୁ ନେଇ ସ୍ଥାନୀୟ ଗବିରିଏଲଗୁଡ଼ାରେ ୱେଲଥ୍ ସେଣ୍ଟରରେ ଉତ୍ତେଜନା ଦେଖାଦେଇଥିଲା। ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ପୌରାଧ୍ୟକ୍ଷ କୁନୁ ନାୟକ ୱେଲଥ ସେଣ୍ଟରକୁ ଆସି ଲୋକଙ୍କ ଅଭିଯୋଗକୁ ସ୍ୱୀକାର କରିଥିଲେ। ସପ୍ତାହକ ମଧ୍ୟରେ ଲାଗିରହିଥିବା ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ସେ ମାନେ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାନୁଯାୟୀ, ସହରର ବିଭିନ୍ନ ୱାର୍ଡରୁ ଆବର୍ଜନା ଉଠାଇବା ପରେ ଗବିରିଏଲଗୁଡ଼ାରେ ୱେଲଥ୍ ସେଣ୍ଟରକୁ ଅଣାଯାଉଛି। ପରେ ସେଠାରେ ପଲିଥିନ ଓ ପ୍ଲାଷ୍ଟିକ ଆଦି ଅଲଗା କରିବା ପରେ ପୋଚା ସଢା ଆବର୍ଜନାରୁ ଖତ ପ୍ରସ୍ତୁତ କରାଯାଉଛି। ଯେଉଁ ଖତ କିଲୋ ୨୦ ଟଙ୍କାରେ ବିକ୍ରି ମଧ୍ୟ ହେଉଛି। ତେବେ ୱେଲଥ ସେଣ୍ଟର ୧୫ ନମ୍ବର ୱାର୍ଡର ସାହି ମଧ୍ୟରେ ରହିଥିବାରୁ ମଶା ମାଛିର ପ୍ରାଦୁର୍ଭାବ ବଢୁଛି। ପ୍ଲାଷ୍ଟିକ ଓ ପଲିଥିନ ଅଲଗା କରାଯିବା ପରେ ଆବର୍ଜନାଗୁଡ଼ିକ ସହର ବାହାରକୁ ନେଇ ଡମ୍ପିଙ୍ଗ ୟାଡ଼ରେ ପକାଇବାକୁ ନିୟମ ରହିଛି। କିଛିମାସ ହେବ ୱେଲଥ ସେଣ୍ଟରକୁ ସହରର ଆବର୍ଜନା ଆସିବା ପରେ ଆଉ ଡମ୍ପିଙ୍ଗ ୟାଡ଼କୁ ଯାଉ ନାହିଁ। ସେଣ୍ଟର ମଧ୍ୟରେ ଥିବା ଆବର୍ଜନାକୁ ଟ୍ରାକ୍ଟର ମାଧ୍ୟମରେ ବୁଧବାର ଉଠାଯାଉଥିଲା। ରାସ୍ତା ଉପରେ ଆବର୍ଜନାଗୁଡିକ ପକାଇ ପକାଇ ନେଉଥବବାରୁ ସାହି ସାରା ଦୁର୍ଗନ୍ଧ ବ୍ୟାପିଥିଲା। ଲୋକେ ଅତିଷ୍ଠ ହେବାପରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ପୌରାଧ୍ୟକ୍ଷ କୁନୁ ନାୟକ ୱେଲଥ ସେଣ୍ଟରକୁ ଆସି ଲୋକଙ୍କ ଅଭିଯୋଗକୁ ସ୍ୱୀକାର କରିଥିଲେ। ରାସ୍ତାରେ ଆବର୍ଜନା ପଡିବ ନାହିଁ। ପଡିଥିବା ଆବର୍ଜନା ତୁରନ୍ତ ସଫେଇ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଉଠିଲା ପିଚୁ, ରାସ୍ତା ସାରା ଆଣ୍ଠୁଏ କାଦୁଅ

ବାଲିମେଳା,୧୨।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପରି -୩ ପଞ୍ଚାୟତ ଅଧୀନ ଏମ୍‌ଭି -୧୦୪ଗ୍ରାମ ମୁଖ୍ୟ ରାସ୍ତା ମରଣ ଯନ୍ତା ପାଲଟିଛି। ୧.୫ କି.ମି. ରାସ୍ତା ନିର୍ମାଣ ପାଇଁ ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ନିର୍ମାଣ ସରିବାର କିଛି ମାସ ନ ଯାଉଣୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। କେଉଁଠି ଦବିଯାଇଛି ତ ଆଉ କେଉଁଠି ବଡ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ରାସ୍ତା ସାରା କାଦୁଅ ପଚ ପଚ ହୋଇଯାଉଛି। ଏକାଧିକ ସ୍ଥାନରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ବର୍ତ୍ତମାନ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ମରଣଯନ୍ତା ପାଲଟିଛି। ଯାତାୟାତରେ ଗ୍ରମବାସୀଙ୍କ ସମେତ ଅନ୍ୟ ଅଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ନାଁରେ ସରକାରଙ୍କ ୬୦ ଲକ୍ଷ ଟଙ୍କା ଠିକ୍ ଭାବେ ବିନିଯୋଗ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ସନ୍ତୋଷ ଦେଖା ଦେଇଛି।

ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ,ଗାଁରେ ୧୫୭ରୁ ଅଧିକ


କାଦୁଅରେ ଭର୍ତ୍ତି ରାସ୍ତା।

ପରିବାର ବସ ବାସ କରୁଛନ୍ତି। ଲୋକ ସଂଖ୍ୟା ୭୮୦ରୁ ଊର୍ଦ୍ଧ୍ୱ।

୩୨୬ନଂ ଜାତୀୟ ରାଜପଥ ତଥା ମାଲକାନଗିରିରୁ ବାଲିମେଳା ମୁଖ୍ୟ ରାସ୍ତା ତଥା ଚିତାପରି-୧ ଗାଁ ଆରମ୍ଭରୁ ଏମ୍‌ଭି-୧୦୪ ଗାଁ ପର୍ଯ୍ୟନ୍ତ ୧.୫ କି.ମି. ରାସ୍ତା ଉପରେ ଚିତାପରି-୧, ଏମ୍‌ଭି-୧୦୪, ଏମ୍‌ଭି-୧୦୯, ବାଲିମେଳା, ତାରଳା କୋଟା ସମେତ ଆଖ ପାଖ ଅଞ୍ଚଳର ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ପ୍ରାୟ ଦୀର୍ଘ ବର୍ଷ ପୂର୍ବେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

- ଏମ୍‌ଭି-୧୦୪ ମୁଖ୍ୟ ରାସ୍ତା ଶୋଚନୀୟ
- ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ
- ୧.୫ କି.ମି. ପାଇଁ ୬୦ଲକ୍ଷ ହୋଇଥିଲା ଖର୍ଚ୍ଚ

ଯୋଜନାରେ ସାମିଲ କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୦ଲକ୍ଷରୁ ଅଧିକ ଟଙ୍କାର ବ୍ୟୟ କରାଯାଇଥିଲା। ୫ବର୍ଷ ଭିତରେ ମରାମତି ପାଇଁ ଅତିରିକ୍ତ ୩ରୁ ୪ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ସୁଦନ୍ୟ ସରକାରଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ଦାୟିତ୍ୱ ଦିଆଯାଥିଲା। ନର୍ମାଣ କାର୍ଯ୍ୟ ଆରମ୍ଭ ହେବାର କିଛି ମାସ ଭିତରେ ଶେଷ ହୋଇଥିଲା। ନିମ୍ନମାନର କାମଯୋଗୁ କିଛି ମାସ ଯାଇନି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। କେବଳ ମୁଖ୍ୟ ରାସ୍ତା ନୁହେଁ, ଗାଁ ଭିତରେ କଂକ୍ରିଟ ରାସ୍ତା କରାଯାଇ ନ ଥିବାରୁ ସାହି ରାସ୍ତାଗୁଡିକ ମଧ୍ୟ ଖରାପ ହୋଇପଡିଛି।

ଏମ୍‌ଭି-୧୦୪ଗ୍ରାମରୁ ଏମ୍‌ଭି-୧୦୯ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଶୋଚନୀୟ ହୋଇପଡିଛି। ନିର୍ମାଣ ଲାଗି ଗ୍ରାମବାସୀ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନ ଏବଂ ନର୍ବାଚିତ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ରାସ୍ତା ଦେଇ ଯାତାୟାତ କରିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଏବଂ ଗର୍ଭବତୀଙ୍କୁ ଚିକିତ୍ସା ନିମନ୍ତେ ନେବା ପାଇଁ ଗାଁର ରାସ୍ତା ଅବସ୍ଥା ଖରାପ ଥିବାରୁ ଆମ୍ବୁଲାନ୍ସ କିମ୍ବା ପଡିଏସ୍ ସାମଗ୍ରୀ ବୋଝେଇ ଗାଡି ଗାଁକୁ ଆସି ପାରୁନାହିଁ ବୋଲି ଗାଁ ସଭାପତି ରମେଶ ବିଶ୍ୱାସ, ୱାର୍ଡ ମେମ୍ବର ବୃନ୍ଦା ମଣ୍ଡଳ, ଆଶା କର୍ମୀ ଶ୍ରଦ୍ଧା ବିଶ୍ୱାସ,କଳ୍ପନା ମଲ୍ଲିକ, ସବିତା ମଣ୍ଡଳ, ଅନିତା ମଲ୍ଲିକ, ଯମୁନା ମଣ୍ଡଳ, ଯତେନ୍ଦ୍ର ବିଶ୍ୱାସ, ଗ୍ରାମ ସାଥି ସୁଶାନ୍ତ ଶିକାରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚିତାପାରି-୩ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଗୁରୁଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ଅଭିଯୋଗ ମୋ ନିକଟକୁ ଆସି ନାହିଁ। ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଏହାର ସ୍ଥାୟୀ ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବୃକ୍ଷ ପୂରଣ କରିବ ପ୍ରାକୃତିକ ଅମ୍ଳଜାନର ଆବଶ୍ୟକତା



ମାଲକାନଗିର,୧୨।୭(ଦୁର୍ଯ୍ୟୋଧନ ପାତ୍ର): ଆଗାମୀ ପିଢିଙ୍କ ପାଇଁ ଜୀବନ ରକ୍ଷକ ଭାବେ ପ୍ରାକୃତିକ ଅମ୍ଳଜାନର ଆବଶ୍ୟକତା ଜରୁରୀ ହୋଇ ପଡଛି। ଏହି ଅମ୍ଳଜାନ କେବଳ ଚାରା ହିଁ ଦେଇଥାଏ । ବୁଧବାର ମାଲକାନଗିରି ଜିଲା ସଦର ମହକୁମା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋଇ, ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ରିଗାନ କିଣ୍ଡୋ ଯୋଗ ଦେଇଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସଂଘ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଔଷଧୀୟ, ଫଳ ଏବଂ ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସଭାପତି ବାଲାରାଜୁ ପାଢୀ, ସମ୍ପାଦକ ଅଶୋକ ସାମଲ, ଉପଦେଷ୍ଟା ରବୀନ୍ଦ୍ର କୁମାର ମହାରଣା, ଶିବ ପ୍ରସାଦ ପାତ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସଭାପତି ସୀମାଞ୍ଚଳ ପାଣିଗ୍ରାହୀ,ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ସହ ବନ ବିଭାଗ କର୍ମଚାରୀ, ଦୈନିକ ବଜାର ବ୍ୟବସାୟୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## କଇଁଛ ବିକିବାକୁ ଆଣୁଥିବା ବେଳେ ୨ ଗିରଫ


ଜବତ କଇଁଛ ସହ ଗିରଫ ଅଭିଯୁକ୍ତ ।

ଏମ୍‌ଭି, ୭୯, ୧୨।୭((ଭିକି ବାରିକ)

ଆନ୍ଧ୍ରର ଗୋଦାବରୀ ନଦୀରୁ ଜାଲ ପକାଇ କଇଁଛ ଧରି ନେଇ ଆସୁଥିବା ବେଳେ ମୋଟୁଠାରେ ବନ ବିଭାଗ ଦ୍ୱାରା ୨ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହଲେ ଏମ୍‌ପିଭି ୪୩ ଗ୍ରାମର ବିବେକ ମଣ୍ଡଳ ଓ ହରିଲାଲ ବିଶ୍ୱାସ। ସେମାନଙ୍କ ନିକଟରୁ ଏକ ବାଇକ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ମୋଟୁ ବନ ବିଭାଗ କଇଁଛ ଚାଲାଣ କରିବା ନେଇ ସୂଚନା ପାଇବା ପରେ ଏକ୍ ଟିମ୍ ଜଙ୍ଗଲରେ ଛକି ବସିଥିଲେ। ଅଭିଯୁକ୍ତମାନେ ଏକ ବାଇକ୍ ଯୋଗେ କଇଁଛ ନେଇ ଓଡ଼ିଶାରେ ବିକ୍ରି କରିବା ଉଦ୍ଦେଶ୍ୟରେ ଆଣୁଥିବା ବେଳେ ଗିରଫ ହୋଇଛନ୍ତି। ୧୮ ଟି ଜୀବିତ କଇଁଛ ବନ ବିଭାଗ ଜବତ କରିଛି। ବନ୍ୟ ପ୍ରାଣୀ ସଂରକ୍ଷଣ ନିୟମ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇଥିବା ମୋଟୁ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

## ମାଲକାନଗିରି ବନ୍ଦ ପାଇଁ କଂଗ୍ରେସର ପ୍ରଚାର ପତ୍ର ବଣ୍ଟନ


ପ୍ରଚାରପତ୍ର ବଣ୍ଟନ ଲାଗି ନିଆଯାଉଛି।

କୁଡୁମୁଲୁଗୁମ୍ମା,୧୨।୭(ସୁଜିତ ପଟ୍ଟନାୟକ)

ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ଆଗମୀ ୧୪ ତାରିଖ ଜିଲା ବନ୍ଦ ଡାକରାକୁ ନେଇ ସଦର ମହକୁମାଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକର ଜନସାଧାରଣ, ବ୍ୟବସାୟୀ, ବଦ୍ଧିଜୀବୀମାନଙ୍କୁ ଏଥିରେ ସାମିଲ ହେବା ପାଇଁ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ବୁଧବାର କୁଡୁମୁଲୁଗୁମ୍ମା, ଖଇରପୁଟ ଓ ମାଥିଲି ଅଞ୍ଚଳରେ ଦଳର ବରିଷ୍ଠ କର୍ମକର୍ତ୍ତା ମଙ୍ଗୁଖିଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରକାଶଯେ, କଂଗ୍ରେସ ତରଫରୁ ୪ ଦଫା ଦାବି ସମାଧାନ ପାଇଁ ଜିଲାପାଳଙ୍କୁ ଦିଆଯାଇଥିଲା। ଏହାର ଅବଧି ଗତ ୧୦ ତାରିଖ ପର୍ଯ୍ୟନ୍ତ ଥିଲେ ମଧ୍ୟ ଏ ସମ୍ବନ୍ଧରେ ଜିଲା ପ୍ରଶାସନ ସମାଧାନ କରି ନ ଥିବାରୁ ଆଗାମୀ ୧୪ ତାରିଖରେ ଦଳ ତରଫରୁ ଜିଲା ବନ୍ଦ ଡାକରା ଦିଆଯାଇଛି।

## ଭଲ ପାଠ ପଢ଼ି ଦେଶ ବିକାଶରେ ସାମିଲ ହୁଅ

ମାଲକାନଗିରି,୧୨।୭(ନୃସିଂହ ଚରଣ ମହାନ୍ତି)

### ଜିଲାସ୍ତରୀୟ ଯୁବ ଉତ୍ସବ

ମାଲକାନଗିରି ମହାବିଦ୍ୟାଳୟ ପ୍ରାଙ୍ଗଣରେ ନେହେରୁ ଯୁବ କେନ୍ଦ୍ର ମାଲକାନଗିରି ଶାଖା ତରଫରୁ ଏକ ଜିଲାସ୍ତରୀୟ ଯୁବ ଉତ୍ସବ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଯୋଗଦେଇ ଉଦ୍‌ଘାଟନ କରିବା ସହ ଯୁବପିଢି ଭଲ ପାଠ ପଢି ଦେଶ ବିକାଶରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ସମ୍ମାନିତ ଅତିଥି ଜିଲା କର୍ମ ନିୟୋଜନ ଅଧିକାରୀ ମନସ୍ୱିନୀ ସେଠୀ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ପ୍ରାଧ୍ୟାପକ ଅଶୋକ କୁମାର ଷଡଙ୍ଗୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ଅଧିକାରୀ ହରିଶ ରୁପାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଜିଲା ଯୁବ ରେଡକ୍ରସ୍ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ, ନମିତା ଦଣ୍ଡସେନା ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

ନେହେରୁ ଯୁବ କେନ୍ଦ୍ରର ଲେଖା ଏବଂ କାର୍ଯ୍ୟକ୍ରମ ଅଧିକାରୀ ଦୀତିନ ବନ୍‌ଶଲ ଦ୍ୱିତୀୟ ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ତର୍କ, ଚିତ୍ରାଙ୍କନ ଫଟୋଗ୍ରାଫି ଏବଂ କବିତା ପାଠ ବିଷୟରେ ହୋଇଥିବା ପ୍ରତିଯୋଗିତାରେ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ତ୍ରିନାଥ ମାଝି, ସ୍ୱତନ୍ତ୍ର ଅତିଥି ଆରକ୍ଷୀ ଅଧୀକ୍ଷକ ନିତେଶ ବାଧ୍ୱାନୀ ମାନପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଭାବେ ଗୌତମ ନାୟକ, ଜିମୁତ ନାୟକ, ଲିପ୍ସାରାଣୀ ନାୟକ, ବି. ଗୁପ୍ତେଶ୍ୱର ରାଓ, ପୃଥ୍ୱିମିତା ବିଶ୍ୱାସ, ସୁଶାନ୍ତ ମାଝି, ତପନ କୁମାର ବେହେରା ଓ ଉମେଶ ଚନ୍ଦ୍ର ରାଉତ ସହ ଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

## ନଷ୍ଟ କରୁଛନ୍ତି ଫସଲ, ବଢୁଛି ଦୁର୍ଘଟଣା



କୋରୁକୋଣ୍ଡା,୧୨।୭(ଅବିନାଶ ବେହେରା)

### ରାସ୍ତାରେ ବୁଲା ଗୋରୁ

ଚାଷୀମାନେ ଗୋରୁଙ୍କୁ ରାସ୍ତାରେ ଖୋଲା ଛାଡି ଦେଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ବାଲିମେଳା ସମେତ ଜିଲାର ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରତେକ ଦିନ ସନ୍ଧ୍ୟାରେ ମାଳ ମାଳ ଗୋରୁ ବୁଲୁଛନ୍ତି।

କୋରୁକୋଣ୍ଡା ମଉଳିମା ଛକ, ଅସ୍ଥାୟୀ ବସ୍‌ଷ୍ଟାଣ୍ଡ, ପଞ୍ଚାୟତ କାର୍ଯ୍ୟାଳୟ ଓ ହନୁମାନ ମନ୍ଦିର ଛକ ସମେତ ବ୍ଲକ ଆଗରେ ଗୋରୁ ଶୋଇ ରହୁଛନ୍ତି । ବର୍ତ୍ତମାନ ଚାଷ ସମୟ ହୋଇଥିବାରୁ ଫସଲ ନଷ୍ଟ ମଧ୍ୟ କରୁଛନ୍ତି । ସେହିପରି ବିଭିନ୍ନ ସମୟରେ ପଥଚାରୀଙ୍କ ସମେତ ଯାନ ବାହନରେ ଯିବା ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଗୁରୁତର ରୋଗୀଙ୍କୁ ନେଇ ଆମ୍ବୁଲାନ୍ସ ଯିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ଏ ନେଇ ନେଇ ପ୍ରଶାସନିକ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାନ୍ତି। ଆଗାମୀ ଦିନରେ ଯଦି ଏହାର ପ୍ରତିକାର କରାନଯାଏ ତେବେ ରାସ୍ତାରେ ବୁଲୁ ଥିବା ଗୋରୁଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଛାଡିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର,୧୨ ।୭(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୃଷ୍ଣନଗର ଜେଲ ରୋଡରେ ବୁଧବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ କୃଷ୍ଣନଗର ଅଞ୍ଚଳର ପ୍ରଭାତ କୁମାର ସାହୁ (୨୪)। କୃଷ୍ଣଚନ୍ଦ୍ର ଏକ ଘରୋଇ ସଂସ୍ଥାର ଡେଲିଭରି ବୟ ଭାବେ କାମ କରୁଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ୩/୪ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଘର ନିକଟରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ପ୍ରଭାତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି।

## ଚକ୍ରଧରଙ୍କୁ ଉତ୍ତମ ମତ୍ସ୍ୟଚାଷୀ ସମ୍ମାନ

ମାଲକାନଗିର,୧୨।୭(ଦୁର୍ଯ୍ୟୋଧନ ପାତ୍ର)

ନିଷ୍ଠା ଓ ପରିଶ୍ରମ କେବେ ବ୍ୟର୍ଥ ଯାଏନାହିଁ। ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ମାଛ ଚାଷ କରି ୨ ବର୍ଷ ମଧ୍ୟରେ ଜଣେ ସଫଳ ମତ୍ସ୍ୟଚାଷୀ ଭାବେ ଜାତୀୟ ମତ୍ସ୍ୟ ଚାଷ ଦିବସ ଉପଲକ୍ଷେ ମାଲକାନଗିରି ଜିଲା ପ୍ରଶାସନ ଓ ମତ୍ସ୍ୟ ବିଭାଗ ପକ୍ଷରୁ ଚକ୍ରଧର ପଟ୍ଟନାୟକ ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଚକ୍ରଧର କହିଛନ୍ତି, ତାଙ୍କର ୫ ଏକରରୁ ଉର୍ଦ୍ଧ୍ୱ ଜମି ଦୀର୍ଘ ବର୍ଷ ହେଲା ଆଦିବାସୀଙ୍କୁ ଭାଗଚାଷୀ ଭାବେ ଦେଇଥିଲେ। ବାର୍ଷିକ ୧୦ ରୁ ୨୦ ବସ୍ତା ଧାନ ମିଳୁଥିଲା। ତେବେ ଚକ୍ରଧର ଏହି ଜମିରେ ମାଛ ଚାଷ କରିବାକୁ ମନସ୍ଥ କରିଥିଲେ। ନିଜର ଦୁଇଭାଇ ସୁରେଶ ଓ ଦୁର୍ଗାଙ୍କ ସହ ଆଲୋଚନା କରି ସେ ସ୍ଥାନୀୟ ଜିଲା ମତ୍ସ୍ୟ ଅଧିକାରୀ ନରସିଂହ ମୁଣ୍ଡଙ୍କ ନିକଟକୁ ଯାଇ ବୁଝିଥିଲେ। ମୁଣ୍ଡ ଚକ୍ରଧରଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଚକ୍ରଧର ସିନ୍ଧିରମାଳ ପଞ୍ଚାୟତ ଦାନିଗୁଡା ମୌଜା ନିକଟରେ ଥିବା ତାଙ୍କ ଜମିରେ ପ୍ରାୟ ୪ଟି ବନ୍ଧ ଖୋଳି ଯାଆଁଳ ଛାଡିଥିଲେ। ନିଜେ ମଧ୍ୟ ମାଛ ଯାଆଁଳ ଉତ୍ପାଦନ କରି ବିକ୍ରି କରୁଥିଲେ। ୨ ବର୍ଷ ମଧ୍ୟରେ ଆହୁରି ଏକ ପୋଖରୀ ଖୋଳିଥିଲେ। ପ୍ରାୟ ୫ ଏକର ଜମିରେ ମାଛ ଚାଷ କରି ଲାଭବାନ ହୋଇ ୨ ବର୍ଷ ମଧ୍ୟରେ ଜିଲାରେ ଜଣେ ସଫଳ ମତ୍ସ୍ୟଚାଷୀ ଭାବେ ପୁରସ୍କୃତ ହୋଇଛନ୍ତି।


ଚକ୍ରଧର ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଉଛି ।

## ୬୬୨ ଅଧ୍ୟାପକ, କର୍ମଚାରୀ ସଂଘର ବିକ୍ଷୋଭ

ମାଲକାନଗିରି,୧୨।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ୬୬୨ ବର୍ଗ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟ ସଂଘ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଧ୍ୟାପକ ଓ କର୍ମଚାରୀଙ୍କ ପ୍ରତି ହୋଇଥିବା ପାତର ଅନ୍ତର ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦୨୧ ଡିସେମ୍ବର ୩୦ ତାରିଖରେ ରାଜ୍ୟ ସରକାର ଏକ କ୍ୟାବିନେଟ ମାଧ୍ୟମରେ ଉଭୟ ୬୬୨ ଓ ୪୮୮ ବର୍ଗର ସମାନ ଧାରାରେ କାମ କରୁଥିବା ଅଧ୍ୟାପକଙ୍କ ଦରମା ସମାନ କରିଥିଲେ। ପ୍ରାୟ ୧ ବର୍ଷ ଧରି ସମାନ ଦରମା ପାଇ ଆସୁଥିଲେ। ମାତ୍ର ତା'ର ଠିକ୍ ଏକ ବର୍ଷ ପରେ ଅର୍ଥାତ୍ ୨୦୨୩ ଜାନୁୟାରୀରେ ଆଉ ଏକ କ୍ୟାବିନେଟ କରି ସେ ନିୟମ ପରିବର୍ତ୍ତନ ସହ ଏକ ଅସଙ୍ଗତି ସୃଷ୍ଟି କରିଥିଲେ। ସେମାନଙ୍କଠାରୁ ଯଥାକ୍ରମେ ୮ ହଜାର ଓ ୬ ହଜାର କମ୍ ପାଇଲେ। ଅର୍ଥାତ୍ ବରିଷ୍ଠଙ୍କୁ କନିଷ୍ଠ କରିଦେଲେ। ଉକ୍ତ ନିୟମକୁ ବିରୋଧ କରି ସମାନ ଗ୍ରେଡ୍ ପେ'କୁ ସମାନ ଦରମା ସହିତ ଅନ୍ୟ ତିନୋଟି ଦାବି ନେଇ ଭୁବନେଶ୍ୱରରେ ଫେବୃୟାରୀ ୧୩ରୁ ଆନ୍ଦୋଳନ ଚାଲୁ ରହିଛି। ଯୁକ୍ତ ୨ ପରୀକ୍ଷା ବର୍ଜନ ଡାକରା ସମୟରେ ତତ୍କାଳୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସଂଘକୁ ଡାକି ମନ୍ତ୍ରୀସ୍ତରୀୟ କମିଟି କରି ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ୪ମାସ ମଧ୍ୟରେ ଥରୁଟିଏ ପୂର୍ଣ୍ଣାଙ୍ଗ ବୈଠକ ବସିପାରିଲା ନାହିଁ। ତେଣୁ ମାଲକାନଗିରିରେ ପ୍ରତିବାଦ କରାଯାଇଛି। ଜିଲାର ବିଭିନ୍ନ କଲେଜରୁ ଶତାଧିକ ଅଧ୍ୟାପକ ଓ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାବିପତ୍ର ଦେଇଥିଲେ। ଶେଷରେ ଏକ ବୈଠକ ଅନୁଷ୍ଠିତ ହୋଇ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସଂଘ ସଭାପତି ଓ ସମ୍ପାଦକଙ୍କ ସମେତ ଦୁଷ୍ମନ୍ତ କୁମାର ଜେନା, ପ୍ରଶାନ୍ତ କୁମାର ପାଢୀ, ଶ୍ରୀକାନ୍ତ ସାମଲ, ପ୍ରଦୀପ ବିଶ୍ୱାଳ, ବିମଳ ସୂତାର, ମଧୁମିତା ମହାନ୍ତି ଓ ଇନ୍ଦୁରେଖା ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଅଧ୍ୟାପିକା ଓ ଅଧ୍ୟାପକମାନେ ବିକ୍ଷୋଭ କରୁଛନ୍ତି।

### ମାଲକାନଗିରି ଜିଲା

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ସଂକ୍ଷେପରେ

### କୂଅରୁ ମହିଳାଙ୍କ ମୃତଦେହ ଜବତ

**ପାପଡ଼ାହାଣ୍ଡି,୧୨।୭(ସ୍ୱପ୍ନଜିତ ପଟ୍ଟନାୟକ):** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ସତ୍‌ନାମୀ ସାହିର ଏକ କୂଅରୁ ବୁଧବାର ଜଣେ ମହିଳାଙ୍କ ମୃତଦେହ ମିଳିଛି। ସେ ହେଲେ ସାହିର କବିତା ସତ୍‌ନାମୀ । ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବାବେଳେ ଅପରାହ୍ନ ୧ ଘଣ୍ଟା ପରେ ସେ ଘରୁ ବାହାରିଥିଲେ। ଖୋଜାଖୋଜି କରିବା ପରେ ନିକଟସ୍ଥ ଖୋଲା କୂଅ ଭିତରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏ ନେଇ ପାପଡ଼ାହାଣ୍ଡି ପୋଲିସକୁ ପରିବାର ଲୋକେ ଖବର ଦେବା ପରେ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ବାହାର କରିଥିଲା। ମୃତ୍ୟୁର କାରଣ ଜଣା ଅସ୍ପଷ୍ଟ ରହିଛି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ କଲ୍ୟାଣ ସଂଘ ବୈଠକ



**ଡାବୁଗାଁ, ୧୨।୭ (ପ୍ରଜ୍ଞାରଞ୍ଜନ ପରିଡ଼ା):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୟନ୍ତୀନଗରସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କଲ୍ୟାଣ ସଂଘର ଏକ ବୈଠକ ସଭାପତି ନିତ୍ୟାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସାମୂହିକଭାବେ ରାଧାକୃଷ୍ଣ ମନ୍ଦିର ପରିସରରେ ଚାରାରୋପଣ ଓ ବାଳକୃଷ୍ଣ ପଟ୍ଟନାୟକଙ୍କ ୧୦୦ ବର୍ଷ ପୂର୍ତ୍ତି ନେଇ ଅଗଷ୍ଟ ୬ରେ ତାଙ୍କୁ ସମ୍ବର୍ଦ୍ଧନା ଦେବାକୁ ଆଲୋଚନା କରାଯାଇଛି। ଶିକ୍ଷକ ରେହେମାନ ସରିଫ ଅବସର ନେବାର ୨୫ ବର୍ଷ ହୋଇଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କର ପେନ୍‌ସନ ହୋଇନାହିଁ। ସେ କିପରି ପେନ୍‌ସନ ପାଇବେ ଏ ନେଇ ଆଗାମୀ ଦିନରେ ସଂଘ ୫-ଟି ସଚିବଙ୍କୁ ଦୃଷ୍ଟି ଆକର୍ଷଣ କରିବା ନେଇ ଆଲୋଚନା ହୋଇଥିଲା। ଏଥିରେ ସଂଘ ଉପସଭାପତି କାଶୀନାଥ ତ୍ରିପାଠୀ, ସମ୍ପାଦକ ମୁରଲୀଧର ଡାକୁଆ, କୋଷାଧକ୍ଷ ନବକିଶୋର ଜୟସିଂ, ପୀତାମ୍ବର ଜେନା, ଗଗନ ବିହାରୀ ମହାନ୍ତି, ଲକ୍ଷ୍ମୀକାନ୍ତ ରଥ, ଅଜୟ ବଲ୍ଲଭ ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ପଦମ ସିଂଙ୍କ ସମେତ ୪୦ ଜଣ ଉପସ୍ଥିତ ଥିଲେ।

### ନୀଳାଗୁଡ଼ାରେ ଅବକାରୀ ଚଢ଼ାଉ

**ଜୟପୁର, ୧୨।୭ (ପବନ ପାଣିଗ୍ରାହୀ):** ଦେଶୀ ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ସଦର ଥାନା ଅଧୀନ ନିଳାଗୁଡାରେ ଚଢ଼ାଉ କରିଛି। ଚଢାଉ ସୂଚନା ପାଇ ମଦମାଫିଆ ମାନେ ଚମ୍ପଟ ମାରିଥିବାବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ୨୧ଶହ ଲିଟର ପୋଚ ଓ ୧୫୦ ଲିଟର ଦେଶୀ ମଦକୁ ଜବତ କରି ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି।

### ଝୁଲନ୍ତା ମୃତଦେହ ଜବତ

**ପୋଲସରା,୧୨।୭(ସୁବ୍ରତ ବେହେରା):** ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଥିବା ଏକ ଘର ଭିତରୁ ବୁଧବାର ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ପୋଲସରା ବ୍ୟାଙ୍କ ଅଫ ଇଣ୍ଡିଆର ଅତିରିକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଶୁଭଙ୍କର ଦାଶ। ସୁଧାଂଶୁ ରହୁଥିବା ଭଡ଼ାଘରର କବାଟ ବୁଧବାର ସକାଳୁ ଖୋଲିନଥିଲେ। ସନ୍ଦେହରେ ସାହି ବାସିନ୍ଦା ପୋଲିସକୁ ଜଣାଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଉକ୍ତ ଘରୁ ବେକରେ ଗାମୁଛା ଲଗାଇ ଝୁଲନ୍ତା ଅବସ୍ଥାରେ ସୁଧାଂଶୁଙ୍କ ମୃତଦେହ ଜବତ କରି ପରିବାରକୁ ଖବର ଦେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ, ଦୁଇ ଦିନ ତଳେ ପୁଅଙ୍କ ସହିତ ବାପା ଗଗନ କୁମାର ଦାସ ଫୋନ୍‌ରେ କଥା ହେଇଥିଲେ। ସୁଧାଂଶୁ କହିଥିଲେ ତାଙ୍କୁ ବ୍ୟାଙ୍କରେ ଅଧିକ କାମ ପ୍ରେସର ହେଉଛି। ଏହା ପରେ ଜଣେ ଗ୍ରାହକଙ୍କ ସହିତ ଝଗଡ଼ା ହୋଇଥିଲା, ହତ୍ୟା ଧମକ ଦେଇଥିବା ବେଳେ ଶୁକ୍ରବାର ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ମଧ ଝଗଡ଼ା ହୋଇଥିବା ସେ କହିଥିଲେ। ତେଣୁ ପୁଅ ସୁଧାଂଶୁଙ୍କୁ କେହି ହତ୍ୟା କରିଥିବା ନେଇ ଗଗନ ଅଭିଯୋଗ କରିଛନ୍ତି। ତେବେ ସୁଧାଂଶୁଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ନଂ. ୪୦୬/୨୩ରେ ଏକ ମାମଲା ରୁଜୁ କରି ତାର ତଦନ୍ତ ଜାରି ରଖିଥିବା ଏଏସ୍‌ଆଇ ଜୟ ପ୍ରକାଶ ପଟ୍ଟନାୟକ କହୁଛନ୍ତି।

# ମଇଦଲପୁର ଜଙ୍ଗଲ ମୁହାଁ ହାତୀପଲ

ତେନ୍ତୁଳିଖୁଣ୍ଟି/ପାପଡ଼ାହାଣ୍ଡି ୧୨।୭
(ଚିଦାନନ୍ଦ ସାହୁ/ସ୍ୱପ୍ନଜିତ ପଟ୍ଟନାୟକ)



- କଳାହାଣ୍ଡିରୁ ତେନ୍ତୁଳିଖୁଣ୍ଟି ଆସିଥିବା ଅନୁମାନ
- ମଙ୍ଗଳବାର ଜଙ୍ଗଲ ଜଗୁଆଳିଙ୍କୁ ଦଳିଦେଇଥିଲା, ବୁଧବାର ମୃତଦେହ ମିଳିଲା
- ପଦେଇଗୁଡ଼ା, ପାତ୍ରପୁଟରେ ଫସଲ ନଷ୍ଟ କରିଥିବା ସୂଚନା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ଗ୍ରାମ୍ୟ ଜଙ୍ଗଲ ଜଗୁଆଳି ବୁଦନ ସୌରାଙ୍କୁ ମଙ୍ଗଳବାର ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବୁଧବାର ଫରେଷ୍ଟର ଅମିତ କୁମାର ଦାସଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ୬୦୦ ଏକର ପରିମିତ କଣ୍ଟାଗାଁ ଗ୍ରାମ୍ୟ ଜଙ୍ଗଲ ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୁଦନଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ରାଜ୍ୟ ସରକାରଙ୍କ ନିୟମ ମୁତାବକ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସହାୟତା ମିଳିବ ବୋଲି ଫରେଷ୍ଟର ଦାସ ସୂଚନା ଦେଇଛନ୍ତି। ହାତୀଟି ଗାଦବା କତରା ପଞ୍ଚାୟତ ନିକଟରେ ଥିବା ଜଙ୍ଗଲରେ ଦେଖାଯାଇଛି। ଖବର ସଂଗ୍ରହ ପର୍ଯ୍ୟନ୍ତ ହାତୀ ଜଙ୍ଗଲ ଭିତରେ ବିଶ୍ରାମ ନେଉଥିବା ସୂଚନା ଦେଇଛନ୍ତି ମଇଦଲପୁର ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ର। ଜଙ୍ଗଲ ପାଖରେ ଡାବୁଗାଁ ରେଞ୍ଜର ସେତୁରଞ୍ଜନୀ ଗମାଙ୍ଗ, ମଇଦଲପୁର ବନ ବିଭାଗ କର୍ମଚାରୀ ଏବଂ ୱାଇଲ୍ଡ ଲାଇଫ ଟିମ୍ ଉପସ୍ଥିତ ରହି ଜଙ୍ଗଲରେ ହାତୀ ଉପରେ ନଜର ରଖିଛନ୍ତି। ଗାଁ ଭିତରେ ହାତୀ ଯେପରି ପ୍ରବେଶ ନ କରିବ ସେଥିପ୍ରତି ଧ୍ୟାନ ଦେଉଛନ୍ତି ଏବଂ ଲୋକଙ୍କୁ ମଧ ଜଙ୍ଗଲ ଭିତରକୁ ନ ଯିବା ପାଇଁ ବାରଣ କରାଯାଉଛି। ହାତୀ ଉଠିଲା ପରେ ଅତି ଘଞ୍ଚଜଙ୍ଗଲ ଭିତରକୁ ଘଉଡ଼ାଇବା ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି।

ସୂଚନାନୁଯାୟୀ, କଣ୍ଟାଗାଁ ଗ୍ରାମବାସୀ ଓ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ୬୦୦ ଏକର ପରିମିତ ଅଞ୍ଚଳରେ ଜଙ୍ଗଲ ସୃଷ୍ଟିକରିତା'ର ସୁରକ୍ଷା ଦାୟିତ୍ୱ ଗ୍ରାମ ଜଙ୍ଗଲ ସୁରକ୍ଷା କମିଟିକୁ ଦିଆଯାଇଛି। ଉକ୍ତ କମିଟି ନିଷ୍ପତ୍ତି ପ୍ରକାରେ ଗ୍ରାମବାସୀ ପାଳିକରି ଜଙ୍ଗଲ ଜଗନ୍ତି। କଣ୍ଟାଗାଁକୁ ହାତୀପଲ ଆସିଥିବା କଥା ସେମାନେ ନ ଜାଣି ମଙ୍ଗଳବାର ବୁଦନ ଓ ସୁନାଶିର ଦିଶାରୀ ଜଙ୍ଗଲ ଜଗିବାକୁ ଯାଇଥିଲେ। ଜଙ୍ଗଲକୁ ହଠାତ୍ ହାତୀ ଆସିଯିବାରୁ ଉଭୟେ ଦୌଡ଼ିଥିଲେ। ବୁଦନ ହାତୀ ପାଦତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ୪ରୁ ୫ଟି ହାତୀ କଳାହାଣ୍ଡି ଜିଲା ଥୁଆମୂଳ ରାମପୁରର କରଲାପାଟ ଜଙ୍ଗଲରୁ ଝରିଗୁମ୍ମା ଜଙ୍ଗଲ ପଡ଼େଇଗୁଡ଼ା ଦେଇ କଣ୍ଟାଗାଁ ଜଙ୍ଗଲରେ ପଶିଥିବା ଅନୁମାନ କରାଯାଉଛି। ବୁଦନଙ୍କ ମୃତ୍ୟୁ ପରେ ବନ ବିଭାଗ ଡାକବାଜି ଯନ୍ତ୍ର ମାଧ୍ୟମରେ ଜଙ୍ଗଲ ରାସ୍ତା ଦେଇ ଯିବା ଆସିବାକୁ ବାରଣ କରିଛି। ହାତୀମାନେ ପଦେଇଗୁଡ଼ାର ବାଳକୃଷ୍ଣ ବିଷୋୟୀଙ୍କ ନଡ଼ିଆ ଗଛ, ବୁଦୁରାମ ଦିଶାରୀଙ୍କ କଦଳୀ ଗଛ ଓ ପାତ୍ରପୁଟର ଜୀବନନ୍ଦନ ବିଷୋୟୀଙ୍କ ଧାନ ତଳି ନଷ୍ଟ କରିଛି। ରାତିରେ ହାତୀ ଯାନୀଗୁଡ଼ାର କମଳଲୋଚନ ଯାନୀଙ୍କ ଧାନ କ୍ଷେତରେ ବୁଲି ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବନ ବିଭାଗ ଏହାର ତଦନ୍ତ କରୁଛି। ହାତୀପଲ ବର୍ତ୍ତମାନ ମଇଦଲପୁର ଜଙ୍ଗଲ ଆଡ଼େ ଚାଲିଯାଇଥିବା ଅନୁମାନ କରାଯାଉଛି। ତେନ୍ତୁଳିଖୁଣ୍ଟି ବ୍ଲକ ବନାଞ୍ଚଳରେ ହାତୀ ଉପଦ୍ରବ କ୍ୱଚିତ ଦେଖାଯାଇଥାଏ। ଏହି ଅଞ୍ଚଳରେ ହାତୀଙ୍କ ଉପସ୍ଥିତି ପ୍ରାୟତଃ ନାହିଁ। କଳାହାଣ୍ଡି ଜଙ୍ଗଲରୁ ଆସିଥାନ୍ତି। ଚଳିତ ଥରକୁ ମିଶାଇ ଗତ ୧୦ରୁ ୧୫ ବର୍ଷ ମଧ୍ୟରେ ତୃତୀୟ ଥର ତେନ୍ତୁଳିଖୁଣ୍ଟି ବନାଞ୍ଚଳରେ ହାତୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି।

## ଭ୍ରାମ୍ୟମାଣ ଚକ୍ଷୁ ପରୀକ୍ଷା ଶିବିର



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

ଦାମନଯୋଡ଼ି,୧୨।୭(ନରସିଂହ ବ୍ରହ୍ମା)

ରାଜ୍ୟ ସରକାରଙ୍କ ସୁନେତ୍ର ଯୋଜନାରେ ଜିଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ପକ୍ଷରୁ କୋରାପୁଟ ବ୍ଲକ ଲିଟିଗୁଡ଼ା ପଞ୍ଚାୟତ ଅଧୀନ ଭିତର ଭେଜାପୁଟ ଓ ପୁଟ୍ରାଘାଟି ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏହି ୨ ଗ୍ରାମ ଓ ଭାଲୁଗୁଡ଼ା ଗ୍ରାମର ମୋଟ ୬୧ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିମଧ୍ୟରୁ ୧୪ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। କୋରାପୁଟରେ ଏହି ଅସ୍ତ୍ରୋପଚାର ହେବ। ଶିବିରରେ ଚକ୍ଷୁ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନ ତଥା ବିପିଏମ୍ ନୂତନ ସିଂହ ଓ ପିଏଚ୍‌ଇଓ ମକର ଜାନିଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଚକ୍ଷୁ ସହାୟକ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲେ। ପିଏଚ୍‌ଇଓ ମକର ଜାନିଙ୍କ ସହ ସିଏଚ୍‌ଓ ଅବିନାଶ ଦାସ, ସ୍ୱାସ୍ଥ୍ୟକର୍ମୀ କୁନ୍ତଳା କୁମାରୀ ସେଠୀ ଶିବର ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ କତି ଜାନି ଓ ରଞ୍ଜିତା ସାଉନ୍ତାଙ୍କ ସହିତ ଆଶାକର୍ମୀ ଗୀତାଞ୍ଜଳି ଚୌଧୁରୀ,ଝରଣାରାଣୀ ପଣ୍ଡା, କୁଞ୍ଜଲତା ହିଆଲ, ଫୁଲମତି କନ୍ଧପାନ ଓ ରଶ୍ମିରଞ୍ଜିତା ହିଆଲ ପରିଚାଳନାରେ ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ଜିଲାପାଳ କୋର୍ଟ ସମ୍ମୁଖରେ ନିର୍ମାଣାଧୀନ ପାର୍କ କାର୍ଯ୍ୟ ଦେଖୁଛନ୍ତି।

ଜୟପୁର, ୧୨।୭ (ପବନ ପାଣିଗ୍ରାହୀ)

**ଚନ୍ଦନବାଡସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ କାମ ବୁଲି ଦେଖିଲେ**

କୋରାପୁଟ ଜିଲାପାଳ ଅବଦୁଲ୍ଲ ମହମ୍ମଦ ଆକ୍ତର ଜୟପୁର ପୌରାଞ୍ଚଳର ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜୟପୁର ସହରର କୋର୍ଟ ସମ୍ମୁଖରେ ନିର୍ମାଣାଧୀନ ପାର୍କ, ୫-ଟି ଅଧୀନକୁ ଯାଇଥିବା ଚନ୍ଦନବାଡସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ କାମ ବୁଲି ଦେଖିଥିଲେ। ଜଗନ୍ନାଥ ସାଗର ତଟରେ ରହିଥିବା ୪୯ ପରିବାରଙ୍କୁ ଉଚ୍ଛେଦ କରାଯିବ। ଜିଲାପାଳ ସେମାନଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ୪୯ଟି ପିରବାରକୁ କୁନ୍ଦାରିଗୁଡ଼ାରେ ଥଇଥାନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ଖଜୁରି ବନ୍ଦର ବିକାଶ ମୂଳକ କାଯ୍ୟର ସମୀକ୍ଷା କରାଯାଇଥିଲା। ଏହି ସମିକ୍ଷା ସମୟରେ ଟ୍ରେନି ଆଇଏଏସ୍ ସୌମ୍ୟ ରଞ୍ଜନ ପ୍ରଧାନ, ପୌର କାଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ, ପ୍ରତାପ ଆଚାଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଷଣ୍ଢ ଆକ୍ରମଣରେ ବୃଦ୍ଧା ମୃତ

ଜୟପୁର, ୧୨।୭(ପବନ ପାଣିଗ୍ରାହୀ)

ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧା ହେଲେ ପାଣିନଳା ସାହିର ପି. ରାଘବମା (୭୦) । ଜୟପୁର ସହର କରଷୁଧା ଭିଡିଓ- କେଲା ସାହି ମଝିରେ ଷଣ୍ଢଟି ତାଙ୍କୁ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### କାଠପଟା ଚାଲାଣବେଳେ ଚଢ଼ାଉ

ଜୟପୁର, ୧୨।୭(ପବନ ପାଣିଗ୍ରାହୀ)

କାଠ ପଟା ଚାଲାଣ ବେଳେ ଜୟପୁର ବନାଞ୍ଚଳ ପକ୍ଷରୁ ଘାଟବାଗ୍ରାରେ ଚଢାଉ କରାଯାଇଛି। ବନ ବିଭାଗ କର୍ମଚାରୀଙ୍କୁ ଦେଖି ବାଇକ୍ ରେ କାଠ ପଟ୍ଟା ନେଇ ଯାଉଥିବା ଯୁବକମାନେ ଫେରାର ହେଇେଯାଇଛନ୍ତି। ବନ କର୍ମଚାରୀମାନେ ବାଇକ ସହ ୨୨ଟି ବିଜା ପଟ୍ଟା ଜବତ କରିଛନ୍ତି। ଏହି ଚଢ଼ାଉରେ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା, ଫରେଷ୍ଟର ସୁଶୀଳ ମହାନ୍ତି ସାମିଲ ଥିଲେ। ଏନେଇ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ା ସୂଚନା ଦେଇଛନ୍ତି।



## ପରିବେଶକୁ ସବୁଜ ସୁନ୍ଦର କରିବାକୁ ଶପଥ ନେଲେ ଛାତ୍ରୀଛାତ୍ର




ଚାରାରୋପଣ ଅବସରରେ ଛାତ୍ରୀଛାତ୍ର, ଅତିଥି ଓ ଅନ୍ୟମାନେ।

**ଉମରକୋଟ, ୧୨।୭ (ସନ୍ତୋଷ ଶତପଥୀ)**

ଉମରକୋଟ ବ୍ଲକ ଅଧୀନ ବକୋଦା ଗାଁ ଓ ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମେଗା ଚାରାରୋପଣ କରାଯାଇଛି। ଏହି ଉପଲକ୍ଷେ ଏକ ସଭା କରାଯାଇଥିଲା। ଉମରକୋଟ ଜିଲା ପରିଷଦ ଜୋନ୍-୧ର ସଭ୍ୟ ଚନ୍ଦନ ରୟ, ବାକୋଦା ସରପଞ୍ଚ ଡାଳିମ୍ବ ଭତ୍ରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିଆ ପୂଜାରୀ, ସରପଞ୍ଚ ପ୍ରତିନିଧି ବାଳଚାନ୍ଦ ଭତ୍ରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡକ୍ଟର ପ୍ରଦୀପ କୁମାର ମିଶ୍ର, ଚଢ଼େଇଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରାଉତ, ବନପାଳ ହରିହର ବ୍ରହ୍ମା, ସସ୍ମିତା ଲେଙ୍କା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ସେମାନେ ଗଛର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ହତା ଭିତରେ ଔଷଧୀୟ ବନ ପ୍ରତିଷ୍ଠା କରାଯାଇଛି। ସ୍କୁଲ ପିଲାମାନେ ଗାଁରେ ଥିବା ପଡ଼ିଆ ଓ ହାଟପଦାରେ ଶହ ଶହ ଚାରା ରୋପଣ କରିବା ସହ ପଞ୍ଚାୟତକୁ ସବୁଜ ସୁନ୍ଦର କରିବାକୁ ଶପଥ ନେଇଥିଲେ। ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଛି। ଶିକ୍ଷକ ନରେନ୍ଦ୍ର ହରିଜନ, କରୁଣାକର ମାଝି, ଉତ୍ତମ ଦାସ, ସୁଧାଂଶୁ ଶେଖର ସାହୁ, ନିଖିଲ ଚନ୍ଦ୍ର ବିଶ୍ୱାସ, ଶିବଶଙ୍କର ପତି, ସଚିଦାନନ୍ଦ ମହାପାତ୍ର, ବୀରସିଂ ହରିଜନ, ଦେବ କୁମାର ଦେ, ମହମ୍ମଦ ସର୍ଫରାଜ, ନୀଳାମ୍ବର ଜାନି, ସତ୍ୟବାନ ଗୌଡ, ସାଗରିକା ବୈଦ୍ୟ ଓ କୁମାରୀ ଅପର୍ଣ୍ଣା ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା କମିଟି ସଭ୍ୟାସଭ୍ୟ, ଗ୍ରାମବାସୀ ଓ ଏସ୍‌ଏଚ୍‌ଜି ମହିଳା ଏଥିରେ ଯୋଗଦେଇଥିଲେ।

# କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ଉମରକୋଟ, ୧୨।୭(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଧୋଡ୍ରା ନିକଟସ୍ଥ ବିଏସ୍‌ପଦରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ରାଜ୍ୟସ୍ତରୀୟ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ନୂତନ ଭାବରେ ଯୋଗଦାନ କରିଥିବା ପ୍ରଧାନ ଶିକ୍ଷକ ରମାକାନ୍ତ ମହାରଣାଙ୍କୁ ମଧ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

କିଛିଦିନ ତଳେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ସ୍କୁଲ ଛାତ୍ରୀ ଚମ୍ପା ଭତ୍ରା, କୁନ୍ତିରାଜ ଗଣ୍ଡ ରୌପ୍ୟ ପଦକ ହାସଲ କରିଥିଲେ। ସେମାନଙ୍କ ସମେତ ଉକ୍ତ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀ କାଜାରୀ ଭତ୍ରା, ଅମ୍ବିକା ପନକା, ଯମୁନା ଭତ୍ରା, ଭୂମିକା ପନକାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଖେଳରେ ଭାଗ ନେଇଥିବା ସମ୍ବର୍ଦ୍ଧିତ ଛାତ୍ରୀମାନେ।

# 'ସମାନ ଗ୍ରେଡ୍ ପେ'କୁ ସମାନ ଦରମା ପ୍ରଦାନ'

କୋରାପୁଟ/ ନବରଙ୍ଗପୁର, ୧୨।୭
(ଅମିତାଭ ବେହେରା/ ସଦାଶିବ ପ୍ରହରାଜ)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ବେସରକାରୀ ଅଧ୍ୟାପକ ସଂଘର ଦାବିପତ୍ର**





କୋରାପୁଟ ଓ ନବରଙ୍ଗପୁରରେ ଦାବି ଜଣାଇବାକୁ ଆସିଥିବା ସଂଘ ସଦସ୍ୟମାନେ।

ନିଖିଳ ଓଡ଼ିଶା ୬୬୨ ବର୍ଗ (+୨ ଓ +୩) ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ସଭାପତି ତ୍ରିନାଥ ପାତିକାଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଧ୍ୟାପକ ଓ କର୍ମଚାରୀଙ୍କ ପ୍ରତି ହୋଇଥିବା ପାତରଅନ୍ତର ନୀତି ବିରୋଧରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

୨୦୦୮ଜି ଓ ରେ ଦରମା ପାଉଥିବା ଅଧ୍ୟାପକ କର୍ମଚାରୀମାନଙ୍କୁ ୨୦୦୯ ଜି ଓ ରେ ଦରମା ପାଉଥିବା ଅଧ୍ୟାପକ କର୍ମଚାରୀମାନଙ୍କ ସହିତ ଗ୍ରେଡ୍ ପେ ଅନୁଯାୟୀ ସମାନ କାମକୁ ସମାନ ଦରମା ପ୍ରଦାନ। ଅବସର ନେଇଥିବା ଓ ଅବସର ନେବାକୁଥିବା ସମସ୍ତ କର୍ମଚାରୀଙ୍କୁ ପେନ୍‌ସନ ଓ ଅବସରକାଳୀନ ରାଶି ପ୍ରଦାନ, ୨୦୧୮ ଜି ଓରେ ଦରମା ପାଉଥିବା କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ, ବିଭିନ୍ନ ଅସଙ୍ଗତିରେ ବାଦ୍ ପଡ଼ିଥିବା ୨୦୦୮ ଓ ୨୦୧୪ ଜି ଓ ର କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। କୋରାପୁଟ ଜିଲା ସଭାପତି ତ୍ରିନାଥ ପାତିକାଙ୍କ ନେତୃତ୍ୱରେ ଯୁକ୍ତ ୨ ସମ୍ପାଦକ ରାଧାକୃଷ୍ଣ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ଓ ଯୁକ୍ତ ୩ ସମ୍ପାଦକ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ସଂଘ ଉପସଭାପତି ଉଷାରାଣୀ ଦାସ, ସହ ସମ୍ପାଦକ ଦୁଷ୍ମନ୍ତ ଚୌଧୁରୀ ଓ କୋଷାଧକ୍ଷ ହୃଦୟରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଶୋଭାଯାତ୍ରା ଓ ପ୍ରତିବାଦ ସଭା ପରିଚାଳନା କରିଥିଲେ।

ନବରଙ୍ଗପୁରରେ ମଧ ସମାନ ଦାବି ନେଇ ଦାବିପତ୍ର ଦିଆଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଦାବିପତ୍ର ଗ୍ରହଣ କରିଛନ୍ତି। ସଂଘ ସଭାପତି ତଥା ପାନାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ହୋତା, ସମ୍ପାଦକ ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଶିବ ପଟ୍ଟନାୟକ, ପାନାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ତଥା ଜିଲା ସଂଯୋଜକ ଅଧ୍ୟାପକ ଅନୀଲ କୁମାର ପୃଷ୍ଟିଙ୍କ ସହ ଜିଲାର ସମସ୍ତ ବେସରକାରୀ ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଯଦି ସରକାର ଦାବି ସମ୍ପର୍କରେ କୌଣସି ବିଚରା ନ କରନ୍ତି ତେବେ ରାଜ୍ୟ ସଂଘ ନିଷ୍ପତି ଅନୁଯାୟୀ ଆଗାମୀ ଦିନରେ ତୃଣମୂଳସ୍ତରରୁ ସବୁ ଅନୁଷ୍ଠାନ ଗୁଡିକରେ ଆନ୍ଦୋଳନକୁ ବ୍ୟାପକ କରବେ ବୋଲି ସଂଘ ସଭାପତି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶଙ୍କର ଗନ୍ତାୟତ, ରମେଶ ପଟ୍ଟନାୟକ, ଅଖିଳ କୁମାର ଭଞ୍ଜ, ଅଧ୍ୟାପିକା ଚନ୍ଦନା ପଣ୍ଡା, ପୁଷ୍ପାଞ୍ଜଳି ସାହୁ, ବିନୋଦ ପ୍ରଧାନ, ବିଶ୍ୱରଞ୍ଜନ ପଣ୍ଡା, ପଞ୍ଚାନନ ଦୁରିଆ, ଦୀନବନ୍ଧୁ ନନ୍ଦୀ, ଡ଼ଃ ରବି ନାରାୟଣ ପାଣିଗ୍ରାହୀ, ବିଭୁତି ହୋତା, ସ୍ମିତା ତ୍ରିପାଠୀ, ସାବେରୀ ମିଶ୍ର, ସ୍ୱପ୍ନା ମହାନ୍ତି, ଟାହିରା ବେଗମ,ବିମ୍ବଷ୍ଟା ବେହେରା, ମକର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

